
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୦ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 20 December 2025
Vol.No. 36 ■ No.335 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ବାଂଲାଦେଶରେ ବ୍ୟାପକ ହିଂସା: ଛାତ୍ରନେତାଙ୍କୁ ହତ୍ୟା ପରେ ସାରାଦେଶରେ ଲଙ୍କାକାଣ୍ଡ

ନୂଆଦିଲ୍ଲୀ,୧୯/୧୨ : ଛାତ୍ରନେତାଙ୍କୁ ହତ୍ୟା ନେଇ ବାଂଲାଦେଶରେ ବ୍ୟାପକ ହିଂସାକାଣ୍ଡ । ଛାତ୍ରନେତା ସରିଫ୍ ଓସମାନ ହାଦିଙ୍କ ହତ୍ୟାର ପ୍ରତିବାଦରେ ତାଙ୍କ ସମର୍ଥକମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଓସମାନ ହାଦିଙ୍କ ନେତୃତ୍ୱରେ ଗତବର୍ଷ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଥିଲା ଓ ଶେଖ୍ ହସିନା ସରକାରଙ୍କ ପତନ ହୋଇଥିଲା । ଆସନ୍ତାବର୍ଷ ବାଂଲାଦେଶରେ ନିର୍ବାଚନ ହେବାକୁ ଥିବା ବେଳେ ଓସମାନ ଢାକାରେ ପ୍ରଚାର ଆରମ୍ଭ କରିଥିଲେ । ଡିସେମ୍ବର ୧୨ ତାରିଖରେ ଓସମାନଙ୍କୁ ମୁଖାପିନ୍ଧା ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ।



୩୨ ବର୍ଷ ବୟସ୍କ ଓସମାନ ହାଦିଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ସିଙ୍ଗାପୁରକୁ ସ୍ଥାନାନ୍ତର ପରେ ସେଠାରେ ତାଙ୍କର ଗତକାଲି ମୃତ୍ୟୁ ହୋଇଛି । ଏହାପରେ ସ୍ଥିତି ନେଇଛି ଉଗ୍ରରୂପ । ଢାକା ସହ ବାଂଲାଦେଶର ବହୁ ସହରରେ ଓସମାନଙ୍କ ସମର୍ଥକମାନେ ବ୍ୟାପକ ହିଂସାକାଣ୍ଡ ଘଟାଇଛନ୍ତି । ୩ଟି ଖବରକାଗଜର ଅଫିସକୁ ପୋଡ଼ି ଦିଆଯାଇଛି । ଭାରତୀୟ ଉଚ୍ଚାୟୁକ୍ତଙ୍କ ଅଫିସରେ କଡ଼ା ନିରାପତ୍ତା ବ୍ୟବସ୍ଥା କରାଯାଇଛି । ଗୁଳିକାଣ୍ଡର କିଛି ସମୟ ପୂର୍ବରୁ ପୂର୍ବ ଭାରତର କିଛି ଅଂଶକୁ ମିଶାଇ ହାଦି 'ଗ୍ରେଟର ବାଂଲାଦେଶ'ର ବିବାଦୀୟ ଫେସବୁକ୍ ମ୍ୟାପ୍ ପୋଷ୍ଟ କରିଥିଲେ। ହାଦିଙ୍କ ମୃତ୍ୟୁ ପରେ ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ଗଭୀର ଶୋକ ପ୍ରକାଶ କରି ଘଟଣାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଆଜି ହାଦିଙ୍କ ମୃତଦେହ ବାଂଲଦେଶ ଅଣାଯିବ ।

# ବେଟିଂ ଆପ୍ ମାମଲାରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ

## ଯୁବରାଜ ସିଂ, ରୋବିନ ଉଥାପ୍ପା ଓ ସୋନୁ ସୁଦଙ୍କ ସମ୍ପତ୍ତି ବାଜ୍ୟାପ୍ତି



ନୂଆଦିଲ୍ଲୀ,୧୯/୧୨ : ବେଟିଂ ଆପ୍ ମାମଲାରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ । ଭାରତରେ ବେଟିଂ ଏବଂ ଗେମିଂ ଆପ୍ ଜରିଆରେ ହେଉଥିବା ବ୍ୟାପକ ଆର୍ଥିକ ଅନିୟମିତତା ଏବଂ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବିଶେଷ କରି ମହାଦେବ ବେଟିଂ ଆପ୍ ଏବଂ ଏହା ସହିତ ଜଡ଼ିତ ଅନ୍ୟାନ୍ୟ ସହଯୋଗୀ ଆପ୍‌ଗୁଡ଼ିକର ଯାଞ୍ଚ ସମୟରେ ଅନେକ ବଡ଼ ବଡ଼ ନାମ ସାମ୍ନାକୁ ଆସିଛି । ଏହି କ୍ରମରେ ଭାରତୀୟ କ୍ରିକେଟର ଯୁବରାଜ ସିଂ, ରୋବିନ ଉଥାପ୍ପା ଏବଂ ବଲିଉଡ ଅଭିନେତା ସୋନୁ ସୁଦଙ୍କ ସମେତ ଅନେକ ସେଲିବ୍ରିଟିଙ୍କ ସମ୍ପତ୍ତି ଇଡି ଦ୍ୱାରା ବ୍ୟାଜ୍ୟାପ୍ତି କରାଯାଇଥିବା ଖବର ଚର୍ଚ୍ଚାର ବିଷୟ ପାଲଟିଛି ।

◆◆ପୃଷ୍ଠା ୭

# ଗୁରୁ-ଶିଷ୍ୟ ପରମ୍ପରାରେ ପୂର୍ଣ୍ଣଚ୍ଛେଦ: ସ୍କୁଲରେ ପାଳନ ହେବନି ଗୁରୁ ଓ ଶିଶୁ ଦିବସ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଆସନ୍ତା ବର୍ଷରୁ ବିଦ୍ୟାଳୟରେ ଗୁରୁ ଦିବସ ଅବା ଶିଶୁ ଦିବସ ପାଳନ ହେବନି । ସେହିଦିନ ପିଲାମାନେ ବିଦ୍ୟାଳୟକୁ ଆସିବେ। ଅନ୍ୟ ଦିନ ପରି ପାଠପଢ଼ା ମଧ୍ୟ ହେବ। ବିଦ୍ୟାଳୟରେ କୌଣସି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ ନାହିଁ । ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ତରଫରୁ ୨୦୨୬ ବାର୍ଷିକ ଛୁଟି ତାଲିକାରୁ ଏହା ସ୍ପଷ୍ଟ ହୋଇଛି। ୨୦୨୬ ବର୍ଷରେ ମୋଟ ୮୨ଟି ଛୁଟି ଦିବସ ଓ ୬ଟି ପାଳନୀୟ ଦିବସ ରହିଛି। ସେଥିରୁ ଗୁରୁ ଓ ଶିଶୁ ଦିବସକୁ ବାଦ୍ ଦିଆଯାଇଛି । ପାଳନୀୟ ଦିବସରେ ମଧ୍ୟ ଏହାକୁ ରଖାଯାଇନାହିଁ। ଯାହାକୁ ନେଇ ବିରୋଧର ସ୍ୱର ଉଠିଛି। ନିଷ୍ପତ୍ତିକୁ ନେଇ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମହଲରେ ଆଲୋଚନାର ବିଷୟ ପାଲଟିଛି । ସେପ୍ଟେମ୍ବର ୫ ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିବସକୁ ଗୁରୁ ଦିବସ । ନଭେମ୍ବର ୧୪ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଜନ୍ମଦିନକୁ ଶିଶୁ ଦିବସ ଭାବେ ପାଳନ କରାଯାଏ। ଦୀର୍ଘ ଦିନରୁ ରାଜ୍ୟରେ ଏହି ଦିନରେ ସ୍କୁଲରେ ଛୁଟି ଘୋଷଣା ହୋଇଆସୁଥିଲା । କିନ୍ତୁ ଏଥର ବାଦ ଦିଆଯାଇଛି । ଯାହାକୁ ଶିକ୍ଷକ ସଂଘ ବିରୋଧ କରିଥିବା ବେଳେ ମନ୍ତ୍ରୀ କହିଛନ୍ତି ପାଠପଢ଼ା ସହ ଗୁରୁ ଦିବସ ଓ ଶିଶୁ ଦିବସ ପାଳନ କରାଯିବ। ଛୁଟି ହେଲେ ପାଠ ପଢ଼ାରେ କ୍ଷତି ହେବ । ଛୁଟି ତାଲିକାରେ ଆଉ ଏକ ଅସଙ୍ଗତି ଦେଖିବାକୁ ମିଳିଛି। ୬ ଟି ପାଳନୀୟ ଦିବସ ରହିଛି। ସେହି ଦିନରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିବେ। ଯାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

# ରାଜଧାନୀରେ କମୁନି ପ୍ରଦୂଷଣ: ୧୦ ହଜାର ସ୍କୁଲରେ ଲାଗିବ ଏୟାର ପ୍ୟୁରିଫାୟର, ୨୦୦ ବିମାନ ଉଡ଼ାଣରେ ବାଧା

ନୂଆଦିଲ୍ଲୀ,୧୯/୧୨ : ଅସହ୍ୟ ହେଲାଣି ଦିଲ୍ଲୀର ବାୟୁ ପ୍ରଦୂଷଣ। ଆଖି ଯୁଆଡ଼େ ପଡୁଛି, ସେଠି କେବଳ ଧୂଆଁଧୂଆଁ । ଦିନ ୧୨ଟା ବି ସଂଧ୍ୟା ୬ ପରି ଲାଗୁଛି । ଦିଲ୍ଲୀର ଏକ୍ୟୁଆଇ ସ୍ତର ଏତେ ଖରାପ ସ୍ତରରେ ପହଞ୍ଚିଛି ଯେ ଯାତାୟାତଠୁ ଆରମ୍ଭ କରି ଶ୍ୱାସକ୍ରିୟା କଷ୍ଟକର ହେଲାଣି । ସ୍ଥିତିକୁ ଦୃଷ୍ଟିରେ ରଖି ୧୦ ହଜାର ଶ୍ରେଣୀଗୃହରେ ଏୟାର ପ୍ୟୁରିଫାୟର ଲଗାଇବାକୁ ଦିଲ୍ଲୀ ସରକାର ନିଷ୍ପତ୍ତି ନେଇଛନ୍ତି । ଘନ କୁହୁଡ଼ି ପାଇଁ ଏକ୍ସପ୍ରେସ



ୱେରେ ବଢୁଛି ଦୁର୍ଘଟଣା । କମ୍ ବେଗରେ ଗାଡ଼ି ଚଳାଇବାକୁ ଓ ରାସ୍ତା ଦେଖା ନଗଲେ କିଛି ସମୟ ଅଟକି ରହିବାକୁ ଗାଡ଼ି ଚାଳକଙ୍କୁ ପରାମର୍ଶ ଦିଆଯାଇଛି । ଏନେଇ ବିଭିନ୍ନ ଏକ୍ସପ୍ରେସ ୱେରେ ସତର୍କ କରାଉଛି ଦିଲ୍ଲୀ ପୁଲିସ । ସେପଟେ ସଂସଦର ଶୀତ ଅଧିବେଶନର ଶେଷଦିନରେ ବିରୋଧୀ ସାଂସଦଙ୍କ ମଧ୍ୟରୁ କିଏ ସାଇକେଲରେ ପହଞ୍ଚିଥିଲେ ତ ପୁଣି କାହା ମୁହଁରେ ମାସ୍କ ଦେଖିବାକୁ ମିଳିଥିଲା । ଆଜି ଦିଲ୍ଲୀ ବିମାନବନ୍ଦରରୁ ୨ଶହରୁ ଅଧିକ ବିମାନ ଉଡ଼ାଣ ବାତିଲ କରାଯାଇଥିବା ବେଳେ କିଛି ବିମାନ ବିଳମ୍ବରେ ଉଡ଼ାଣ ଭରୁଛି। କୁହୁଡ଼ି ପାଇଁ ଅଧିକାଂଶ ଟ୍ରେନ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଛି। ତେବେ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ସାହାଯ୍ୟ ପାଇଁ ଆଗେଇ ଆସିଛି ଚୀନ । ଦିଲ୍ଲୀରେ କେମିତି ପ୍ରଦୂଷଣ କମ୍ କରାଯିବ, ସେନେଇ ଏକ ଫର୍ମୁଲା କହିଛି ବେଜିଂ ।

# ଲୋକସଭାର କାର୍ଯ୍ୟ ଅନିଶ୍ଚିତ କାଳ ଯାଏ ସ୍ଥଗିତ

ନୂଆଦିଲ୍ଲୀ, ୧୯/୧୨ : ଲୋକସଭାର କାର୍ଯ୍ୟ ଶୁକ୍ରବାର ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ କରାଯାଇଛି। ଗୃହର କାର୍ଯ୍ୟ ୧ ଡିସେମ୍ବରରୁ ଆରମ୍ଭ ହୋଇଥିଲା। ଆଜି ସକାଳ ୧୧ଟାରେ କାର୍ଯ୍ୟ ଆରମ୍ଭ ସମୟରେ ଲୋକସଭା ଅଧ୍ୟକ୍ଷ ତାଙ୍କ ବାର୍ତ୍ତାରେ କହିଥିଲେ ଯେ ୧୮ତମ ଲୋକସଭାର ଷଷ୍ଠ ଅଧିବେଶନରେ ୧୫ଟି ବୈଠକ ହୋଇଥିଲା। ଏହି ଅଧିବେଶନର ଉତ୍ପାଦକତା ୧୧୧ ପ୍ରତିଶତ ରହିଥିଲା। ଏହା ପରେ 'ବନ୍ଦେ ମାତରମ୍' ସହିତ ଗୃହର କାର୍ଯ୍ୟବାହୀକୁ ଅନିର୍ଦ୍ଧାରିତ କାଳ ପାଇଁ ସ୍ଥଗିତ କରାଯାଇଥିଲା।

◆◆ପୃଷ୍ଠା ୭

# ବିଧାୟକଙ୍କ ଦରମାକୁ ନେଇ ଚାରିଆଡୁ ଚାପ ପଡିବା ପରେ ନରମିଲେ ଉଭୟ ଶାସକ ଓ ବିରୋଧୀ

## ପୁନଃବିଚାର ପାଇଁ ବିଜେପି ବିଧାୟକଙ୍କ ପ୍ରସ୍ତାବ ପରେ ଦାବି ରଖିଲେ ବିଜେଡି ଏମଏଲଏ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ପୁଣି ଥରେ ପ୍ରମାଣିତ ହୋଇଛି ଜନତା ହିଁ ସବୁଠାରୁ ଶକ୍ତିଶାଳୀ । ଜନ ଅସନ୍ତୋଷ ବଢ଼ିବାରୁ ରାଜ୍ୟରେ ସରକାର ବଦଳିଥିଲା। ଭୁଷୁଡି ପଡ଼ିଥିଲା ବିଜେଡିର ଦୀର୍ଘ ୨୪ବର୍ଷର ଗଡ଼ । ଏକଥାକୁ ଜନତାଙ୍କୁ ଠାରୁ ବେଶ୍ ଭଲଭାବେ ଜାଣନ୍ତି ନେତା । ତେଣୁ ବିଧାୟକଙ୍କ ଦରମା ଓ ଭତ୍ତା ତିନି ଗୁଣା ବୃଦ୍ଧିକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବଢୁଥିବାବେଳେ, ପ୍ରଶମିତ କରିବା ପାଇଁ ଶାସକ ଦଳ ପରେ ନରମିଛନ୍ତି ବିରୋଧୀ ଦଳର ନେତା । ବିଧାନସଭାରେ ବିଲକୁ ସମର୍ଥନ କରିଥିଲେ ବି, ୟୁଟର୍ଣ୍ଣ ନେଇ ଦରମା ଓ ଭତ୍ତା ବୃଦ୍ଧି ନିଷ୍ପତ୍ତିର ପୁନଃବିଚାର କରିବା ପାଇଁ ବିଜେଡି ବିଧାୟକମାନେ ଦାବି କରିଛନ୍ତି । କଂଗ୍ରେସ ବିଧାୟକମାନେ ବି ଏହି ପ୍ରସଙ୍ଗରେ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି କହିଛନ୍ତି । ତେବେ ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ବିଜେପି ଓ ବିଜେଡିର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ବିଧାୟକମାନେ ବି ବର୍ଦ୍ଧିତ ଦରମା ନେବା ପ୍ରସଙ୍ଗରେ ବିଚାର କରୁଛନ୍ତି। ସେପଟେ ରାଜନୀତି ସମୀକ୍ଷକ କହିଛନ୍ତି, ଲୋକଙ୍କ ଚାପରେ ୟୁଟର୍ଣ୍ଣ ନେଇଛନ୍ତି ଉଭୟ ଶାସକ ଓ ବିରୋଧୀ । ଦରମା ବୃଦ୍ଧି ନିଷ୍ପତ୍ତିକୁ ପ୍ରଥମରୁ ବିରୋଧ କରିଥିଲେ ସିପିଆଇଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା। ତାପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନେବାକୁ ମନା କରି ଦେଇଥିଲେ । ଗତକାଲି ବିଜେପି ବିଧାୟକମାନେ ବୈଠକ କରି ପୁନଃବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏବେ ଅପେକ୍ଷା ବର୍ଦ୍ଧିତ ଦରମାରୁ କେତେ କମିବ ?

# ଏସଆଇ ସ୍କାମ: ୩ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ନେଲା ସିବିଆଇ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ପୋଲିସ ଏସଆଇ ନିଯୁକ୍ତି କେଲେଙ୍କାରି ସହ ଜଡ଼ିତ ୩ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ନେଇଛି ସିବିଆଇ । ଶଙ୍କର, ସାଗର, ସୁରେଶଙ୍କୁ ଝାରପଡ଼ା ଜେଲରୁ ରିମାଣ୍ଡରେ ନେଲା ସିବିଆଇ। ମେଡିକାଲ୍ ଟେଷ୍ଟ ପରେ ସିବିଆଇ କାର୍ଯ୍ୟାଳୟରେ ଅଭିଯୁକ୍ତଙ୍କୁ ମୁହାମୁହିଁ ଜେରା କରିବ ସିବିଆଇ।

# ଆସିବ ୬୭ ହଜାର କୋଟିର ନିବେଶ, ଓଡ଼ିଶା ହେବ ଭାରତ ବିକାଶର ଇଞ୍ଜିନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ପୁଞ୍ଜି ଯୋଗାଡ଼ରେ ଲାଗିଛନ୍ତି ମୁଖ୍ୟମନ୍ତ୍ରୀ। ହାଇଦ୍ରାବାଦରେ ଓଡ଼ିଶାର ବିକାଶ ପାଇଁ ନକ୍ସା ପ୍ରସ୍ତୁତ କରିଛନ୍ତି ମୋହନ । ସେଠାରେ ଅନୁଷ୍ଠିତ ଓଡ଼ିଶା ଇନଭେଷ୍ଟର୍ସ ମିଟ୍‌ରେ ନିବେଶକଙ୍କ ସହ ବଡ଼ ଡିଲ କରିଛନ୍ତି ଓଡ଼ିଶା ସରକାର। ନିବେଶ ସମ୍ମିଳନୀରେ ୧୩ ଟି କମ୍ପାନି ସହ ୨୭,୬୫୦ କୋଟି ଟଙ୍କାର ହୋଇଛି ବୁଝାମଣାପତ୍ର ସ୍ୱାକ୍ଷର । ଏହାଦ୍ୱାରା ରାଜ୍ୟରେ ଆନୁମାନିକ ୧୫,୯୦୫ ଚାକିରି ସୃଷ୍ଟି ହେବ । ଏହା ବ୍ୟତୀତ ୩୯,୧୩୧ କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ଆସିଛି, ଯାହା ୪୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି । ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଦୁଇ ଦିନିଆ ନିବେଶ ସମ୍ମିଳନୀରେ ନିବେଶକମାନଙ୍କ



ଆକୃଷ୍ଟ କରିବାକୁ ଚେଷ୍ଟା କରିଛନ୍ତି ଓଡ଼ିଶାର ଅଧିକାରୀ । ବିଶେଷକରି ଔଷଧ ନିର୍ମାଣ, ଚିକିତ୍ସା ଉପକରଣ, ନବୀକରଣୀୟ ଶକ୍ତି ଉପକରଣ, ଟେକ୍ସଟାଇଲ୍, ଇଲେକ୍ଟ୍ରୋନିକ୍ସ, ଆଇଟି ଏବଂ ଡାଟା ସେଣ୍ଟର କ୍ଷେତ୍ରରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ । ନିବେଶକଙ୍କ ମଧ୍ୟରେ ଅଛନ୍ତି ଇଣ୍ଡୋରାମା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଜିନ୍ଦଲ ପଲି ଫିଲ୍ମସ୍, ଏବିଆଇ ସୋଟେକ୍ ପ୍ରାଇଭେଟ୍ ଲିମିଟେଡ୍, ମାରୁତି ଆଦି ପ୍ରମୁଖ କମ୍ପାନୀ । ମୋଟ ଉପରେ ୬୭ ହଜାର କୋଟିର ନିବେଶ ସହ ୫୬ ହଜାର ନିଯୁକ୍ତି ସୃଷ୍ଟି ନେଇ ଲକ୍ଷ୍ୟ ରଖିଛନ୍ତି ସରକାର । ୨୦୪୭ ବିକଶିତ ଭାରତ ନିର୍ମାଣ ନେଇ କେନ୍ଦ୍ର ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି । ସେଥିରେ ଓଡ଼ିଶା ଇଞ୍ଜିନ ସାଜିବ ବୋଲି ସରକାର କହିଛନ୍ତି । କିନ୍ତୁ ବାସ୍ତବରେ କେତେଟି କମ୍ପାନୀ ଓଡ଼ିଶା ଆସୁଛନ୍ତି ତାହା ଉପରେ ରାଜ୍ୟର ବିକାଶ ନିର୍ଭର କରୁଛନ୍ତି ।

# ବିନା ଶୁଳ୍କରେ ଓମାନକୁ ଜିନିଷ ରପ୍ତାନୀ କରିବ ଭାରତ

ନୂଆଦିଲ୍ଲୀ,୧୯/୧୨ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶକ୍ତ ଧକ୍କା। ରୁଷରୁ ତେଲ କିଣୁଥିବାରୁ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଥିଲା ଆମେରିକା। ଏହା ଫଳରେ ଭାରତୀୟ ସାମଗ୍ରୀ ରପ୍ତାନୀ ହେବା କଷ୍ଟକର ହୋଇପଡ଼ିଥିଲା। ଏବେ ଏହାର ସମାଧାନର ବାଟ ବାହାର କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଓମାନ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି ଭାରତ। ଏବେ ବିନା ଶୁଳ୍କରେ ଓମାନକୁ ଭାରତ ଜିନିଷ ରପ୍ତାନୀ



କରିବ । ୯୯% ଜିନିଷ ଉକରେ କେଉଣସି ଶୁଳ୍କ ଲାଗୁ କରିବ ନାହିଁ ଓମାନ। ଏହି ଚୁକ୍ତିନାମା ଭାରତର ଶ୍ରମ-କେନ୍ଦ୍ରିକ କ୍ଷେତ୍ର ଯେପରିକି ବସ୍ତ୍ର, ଚମଡ଼ା, ଜୋତା, ରତ୍ନ ଏବଂ ଅଳଙ୍କାର, ଇଞ୍ଜିନିୟରିଂ ଉତ୍ପାଦ, ପ୍ଲାଷ୍ଟିକ୍, ଫର୍ଣ୍ଣିଚର, କୃଷି ଉତ୍ପାଦ, ଔଷଧ, ଚିକିତ୍ସା ଉପକରଣ ଏବଂ ଅଟୋମୋବାଇଲ୍ ରପ୍ତାନିକୁ ବୃଦ୍ଧି କରିବ। ଏହା ନିଯୁକ୍ତି ସୃଷ୍ଟି କରିବ ଏବଂ କାରିଗର, ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ଏବଂ ଗଝଗର ଗୁଡ଼ିକୁ ମଜବୁତ କରିବ।

◆◆ପୃଷ୍ଠା ୭

# କଂଗ୍ରେସର ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ନ୍ୟାସନାଲ ହେରାଲଡ଼ ମାମଲାରେ ମିଥ୍ୟା ଟଙ୍କା କାରବାର ଭାରତୀୟ ଜାତୀୟ କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧି ଓ ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କୁ ଫସାଇ ସରକାର ଇଡି ବିଭାଗକୁ ହାତବାରିସୀ କରି ଯେଭଳି ହଇରାଣ କଲା ତାହା ଭାରତ ରାଜନୀତିରେ ଏକ ବିରଳ ଘଟଣା। ବିଜେପି ସରକାରଙ୍କ ପ୍ରତିହିଂସା ପରାୟଣ ରାଜନୀତି ବିରୁଦ୍ଧରେ ରାଜ୍ୟ ସାରା ପ୍ରତି ଜିଲ୍ଲାରେ ମଶାଲ ପ୍ରତିବାଦ ଯାତ୍ରା ଅନୁଷ୍ଠିତ ହେଉଛି । ଏହି ପରିପେକ୍ଷୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ନେତୃତ୍ୱ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସ ଭବନଠାରୁ ଏକ ମଶାଲ ପ୍ରତିବାଦ ଯାତ୍ରା

◆◆ପୃଷ୍ଠା ୭

# ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ଗଞ୍ଜାମ ଜିଲ୍ଲାରେ ଜନ ଅସନ୍ତୋଷ

ଗଞ୍ଜାମ,୧୯/୧୨ (ନି.ପ୍ର): ବିଧାୟକ ମାନଙ୍କ ତିନିଗୁଣା ଦରମା ବୃଦ୍ଧିକୁ ନେଇ ଗଂଜାମ ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ ଉଦବେଗ ପ୍ରକାଶ କରାଯିବା ସହ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି । ଜନସାଧାରଣ ତଥା ତଳସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କଥା ବିଚାରକୁ ନନେଇ ସେମାନଙ୍କ ପାରିଶ୍ରମିକ ବୃଦ୍ଧି ନକରି ଏକତରଫା ଭାବେ ବିଧାୟକ ଓ ମନ୍ତ୍ରୀ ମାନଙ୍କ ଦରମା ବୃଦ୍ଧି କରିଥିବାରୁ ଜନ ସାଧାରଣ ଏହାକୁ ନାପସନ୍ଦ କରୁଛନ୍ତି । ଜଣେ ମନ୍ତ୍ରୀ ଓ ବିଧାୟକ ସାଢେ ତିନି ଲକ୍ଷରୁ ଉର୍ଦ୍ଧ ଟଂକା ମାସିକ ଦରମା ହୋଇଥିଲେ ମଧ୍ୟ ଏହା ତାଙ୍କ ପାଇଁ କୁଆଡେ ନିଅଂଟ ହେଉଛି । ତବେ ଜଣେ ଅଂଗନବାଡି କର୍ମୀ ମାସିକ ୧୦ ହଜାର, ସହାୟିକା ୫ ହଜାର ଟଂକା ଦରମା ପାଇ ଏ ମହରଗ ଯୁଗରେ କିପରି ପରିବାର ପ୍ରତିପୋଷଣ କହୁଛନ୍ତି ତାହା ବିଧାୟକମାନେ ଚିନ୍ତା କରିଛନ୍ତି କି? ସେମାନଙ୍କ ଦରମା ବୃଦ୍ଧି ପୂର୍ବରୁ ତଳସ୍ତରରେ କାମ କରୁଥିବା ଅଂଗନବାଡି କର୍ମୀ, ସହାୟିକା, ଆଶା, ସରପଂଚ ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ଶିଶୁ ବାଟିକା ଶିକ୍ଷୟତ୍ରୀଙ୍କ ଦରମା ବୃଦ୍ଧି କରିବା ଉଚିତ ବୋଲି ଜନମତ ପ୍ରକାଶ ପାଇବାରେ ଲାଗିଛି । ତୁରନ୍ତ ବିଧାୟକଙ୍କ ବର୍ଦ୍ଧିତ ଦରମା ପ୍ରତ୍ୟାହାର କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେବାକୁ ଲାଗିଛି । ଅନ୍ୟଥା ଜନଆନ୍ଦୋଳନ ହେବ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଚେତାବନୀ ଦେଇଛନ୍ତି ।

# ମୁରିବାହାଲ ବ୍ଲକସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବ ମହାସମାରୋହରେ ଉଦ୍‌ଘାଟିତ

ବଲାଙ୍ଗିର ,୧୯/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ସପ୍ତମତମ ବିରାଟ ଧନୁଯାତ୍ରା ମହୋତ୍ସବ ମହାସମାରୋହ ରେ ଉଦଘାଟିତ ବୁଧବାର ଦିନ ହୋଇଯାଇଛି । ପ୍ରଥମ ଦିନରେ ରାଜା ଉଗ୍ରସେନଙ୍କ ରାଜୁତି, ଦୁର୍ମିଳା ସୁର ବଧ ଏବଂ ମହର୍ଷି ନାରଦଙ୍କ ଦ୍ୱାରା କଂସଙ୍କ ସମ୍ବାଦ ନାଟକ ମଂଚସ୍ଥ ହୋଇଥିଲା । ଧନୁଯାତ୍ରା କମିଟି ସଭାପତି ତରୁଣ ପୋଢ଼ଙ୍କ ସଭାପତିତ୍ୱରେ କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ । ସମ୍ମାନିୟ ଅତିଥି ଭାବେ ମୁରିବାହାଲ ରେଞ୍ଜର ଶିବ ପ୍ରସାଦ ନାୟକ, ଜୁନିୟର କଲେଜ ଅଧକ୍ଷ ଡ଼. ରମେଶ ଚନ୍ଦ୍ର ମହାନନ୍ଦ, ସରପଂଚ ବିଶ୍ୱବିହାରୀ ଯୋଶୀ, ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ରାଜ୍ୟ ସଭା ସାଂସଦ ପ୍ରତିନିଧି ସିଧେଶ୍ୱର ଦାସ, ମଠାଧୀସ ସୁଶୀଲ ତ୍ୟାଗୀ, ସହକାରୀ କୃଷି ଅଧିକାରୀ ଗୁଲସନ ମହନ୍ତ, ବିଶ୍ୱ ରଞ୍ଜନ ବେହେରା ଓ ମାଜସେବୀ ଭଗବାନ ମହାନ୍ତି ପ୍ରମୁଖ ମଂଚାସିନ ଥିଲେ । ଏହି ସାତଦିନ ବ୍ୟାପୀ ବିରାଟ ଧନୁଯାତ୍ରା ମହୋତ୍ସବ ରେ ମୁରିବାହାଲ ଗ୍ରାମ ମଥୁରା ନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ପାଲଟିଛି । ଅଂଚଳର ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଓ ବିଭିନ୍ନ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ମୀନାବଜାର ଆଦି ଅନୁଷ୍ଠିତ ହୋଇଛି । ଦର୍ଶକମାନେ ସୁବିଧାରେ ଧନୁଯାତ୍ରା ଦେଖିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ଲାଠୋରର ଆର୍ତତ୍ରାଣ ସୁନାନୀ ଓ ତାଙ୍କ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି । ଏଥିପାଇଁ ମୁରିବାହାଲ ପୋଲିସ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ବ୍ୟବସ୍ଥା କରାଯାଇଛି । ଧନୁଯାତ୍ରା ମହୋତ୍ସବ କମିଟିର ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ସୁବ୍ରତ ମହାକୁର, ବିଶ୍ୱବିହାରୀ ଯୋଷୀ, ନାରାୟଣ ସାହୁ, ଦିବ୍ୟସୁନ୍ଦର ସାହୁ, ଶ୍ୟାମସୁନ୍ଦର ଝଙ୍କାର , ରମାରଞ୍ଜନପାତ୍ର କାର୍ଯ୍ୟକାରି ସଭାପତି ରାଜିବ କୁମାର ମହାନ୍ତି, ସୁଦାମ ଚରଣ ବଘାର , ରମେଶ ନାଗ,ପ୍ରଫୁଲ୍ଲ ବଘାର, ସୁଦାମ ସାହୁ ,ତରଣିସେନ ମେହେର ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର ସହ ସମ୍ପାଦକ ପ୍ରେମାନନ୍ଦ ମାଝୀ, ଦନାର୍ଦ୍ଦନ ବଗର୍ତି, ସୁଜିତ ରଞ୍ଜନ ପାଢ଼ୀ, ଅଭିଳାଷ ବଘାର କୋଷାଧକ୍ଷ ଭରତ ଦାସ, ପଦ୍ମଲୋଚନ ସାହୁ ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ, ଉଦିତ କଟା, ବିକି ମହାରଣା, ଲିଲୁ ମୋହନ ପଧାନ ସାଂସ୍କୃତିକ ସମ୍ପାଦକ ପ୍ରମୁଖ ସୁଦର୍ଶନ ଦୀପ, ଖଗେଶ୍ୱର ସାହୁ ସହ ପ୍ରଚାର ପ୍ରସାର କମିଟିର ମନୋଜ କୁମାର କର, ପ୍ରଫୁଲ୍ଲ ବଘାର, ଅମରେଶ ମାଝୀଙ୍କ ସହ ଆୟୋଜକ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଆୟୋଜକ କମିଟିର ଉପସଭାପତି ନାରାୟଣ ସାହୁ ଧନ୍ୟବାଦ୍ ଦେଇଥିଲେ ।

# କାଠ ଆଣିବାକୁ ଜଙ୍ଗଲକୁ ଯାଇ ଶବ ହୋଇ ଫେରିଲେ ଯୁବକ: ଘଟଣାର ତଦନ୍ତ କରୁଛି ପୁଲିସ

ମାଲକାନଗିରି ,୧୯/୧୨ (ନି.ପ୍ର): ଘର ପାଇଁ ଜାଳେଣି କାଠ ଆଣିବାକୁ ଜଙ୍ଗଲକୁ ଯାଇ ଶବ ହୋଇ ଫେରିଲେ ଯୁବକ। ଏଭଳି ଅଭାବନୀୟ ଘଟଣା ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥ ପୁର ପଂଚାୟତ ଖାରିଗୁଡା ଗାଁରେ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ଖାରିଗୁଡା ଗାଁର ଦିନେଶ ଲମତା(୨୮) ନାମକ ଯୁବକ ଗତକାଲି ଦିନ ୧୨ ଟା ବେଳେ ଘର ଚାରିପଟେ ବାଡ଼ କରିବା ପାଇଁ ଗାଁ ନିକଟସ୍ଥ ଜଙ୍ଗଲକୁ ଯାଉଛି ବୋଲି ଘର ଲୋକଙ୍କୁ କହି ଘରୁ ଯାଇଥିଲେ। ତେବେ ଯୁବକ ଜଣଙ୍କ ଦୀର୍ଘ ସମୟ ଧରି ଘରକୁ ଫେରି ନଥିଲେ। ତେଣୁ ଗ୍ରାମବାସୀ ଏବଂ ଘରଲୋକ ତାଙ୍କ ଆଖପାଖ ଜଙ୍ଗଲରେ ଖୋଜାଖୋଜି କରିଥିଲେ। ହେଲେ ନିଖୋଜ ଯୁବକଙ୍କର କୌଣସି ଖୋଜଖବର ମିଳିନଥିଲା। ଖାରିଗୁଡା ଗାଁର ଜଣେ ମହିଳାଙ୍କ କହିବାନୁଯାୟୀ ଗତକାଲି ନଦୀ ପାଖରେ ଥିବା ଏକ ଗଛରେ ହଠାତ୍ ନିଆଁ ଜଳିଲା ଏବଂ କିଛି ସମୟ ପରେ ନିଆଁ ଲିଭି ଯାଇଥିଲା। ନଦୀ କୂଳରେ ଥିବା ଏକ ଗଛକୁ ଲାଗି ବିଦ୍ୟୁତ ତାର ଯାଇଥିବା ବେଳେ ଯୁବକ ଜଣଙ୍କ ଗଛରେ କାଠ ଟାଣୁଥିଲେ। ଗଛ ମୂଳରେ ଯୁବକଙ୍କ ଚପଲ ରହିଥିବା ବେଳେ ଟାଙ୍ଗିଆଟି କିଛି ଦୂରରେ ପଡି ରହିଥିବା ଦେଖିବାକୁ ମିଳିଛି। ଏଣୁ ଗଛ ସହ ବିଦ୍ୟୁତ ତାରର ସର୍ଟ ସର୍କିଟ ଯୋଗୁଁ ଯୁବକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ତେବେ ଆଜି ଦିବା ୨ଟା ସମୟରେ ନିଜ ଘର ପଛପଟେ ଥିବା ଏକ ନଦୀରେ ଯୁବକଙ୍କ ଶବ ଭାସୁଥିବା ଜଣେ ଗ୍ରାମବାସୀ ଦେଖି ଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ଗ୍ରାମବାସୀ ମାନେ ସଙ୍ଗେ ସଙ୍ଗେ କୁଡୁମୁଲୁଗୁମ୍ମା ଦମକଳ ବାହିନୀ ଏବଂ ଓର୍କେଲ ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଓର୍କେଲ ପୁଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଂଚିଥିଲେ। ଦମକଳ ବାହିନୀ କର୍ମଚାରୀ ମାନେ ପାଣିରେ ପଶି ଦୌଡ଼ି, ବାଉଁଶ ସାହାଯ୍ୟରେ ଦୀର୍ଘ ସମୟ ଧରି ପ୍ରୟାସ କରିବା ପରେ ଶେଷରେ ଯୁବକଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରିଥିଲେ। ଯୁବକଙ୍କ ଶବ ମିଳିଯିବା ପରେ ଖାରିଗୁଡା ଗ୍ରାମବାସୀ ଏବଂ ପରିବାର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ମୃତକ ଦିନେଶର ଦୁଇଟି ପୁଅ ରହିଥିବା ବେଳେ ବଡ଼ ପୁଅକୁ ୪ ବର୍ଷ, ସାନ ପୁଅକୁ ୨ ବର୍ଷ ବୋଲି ଜଣାପଡିଛି। ଦୁଇ ନାବାଳକ ସହ ତାଙ୍କ ସ୍ତ୍ରୀ ସୁମିତ୍ରା ଲମତା ଏବେ ସର୍ବହରା ହୋଇ ଯାଇଛନ୍ତି। ଏହାପରେ ଓର୍କେଲ ପୁଲିସ ଘଟଣାର ପଂଚନାମା କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣାର ତଦନ୍ତ କରୁଛି ବୋଲି ଏସଆଇ ଅଜିତ କୁମାର ବାରିହା ସୂଚନା ଦେଇଛନ୍ତି।

# ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ଧର୍ମଶାଳା,୧୯/୧୨ (ନି.ପ୍ର): ପାଠ ପଢା ସହ କୋମଳମତି ଶିଶୁଙ୍କ ଶାରୀରିକ ବିକାଶ ସହ ସେମାନଙ୍କ ପ୍ରତିଭାକୁ ଲୋକାଲୋଚନକୁ ଆଣିବା ପାଇଁ କ୍ରୀଡା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି । ଏନେଇ ସମସ୍ତ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଏହି କ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକ ବାଲୁଙ୍କେଶ୍ୱର କ୍ଲଷ୍ଟର ଅଧିନରେ ଥିବା ମଙ୍ଗରାଜପୁର ପଂଚାୟତ ଲଙ୍କାବାଲିସାହିସ୍ଥ ବାଲୁଙ୍କେଶ୍ୱର ନୋଡାଲ ଓ ଜବହାରଲାଲ ନେହେରୁ ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆନୁଷ୍ଠାନିକଭାବେ ଉଦ୍‌ଘାଟିତ ହୋଇଯାଇଛି । ଜବହରଲାଲ ନେହେରୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ନାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ସାହୁ,ମୁଖ୍ୟବକ୍ତାଭାବେ ଶିକ୍ଷାବିତ ହେମନ୍ତ କୁମାର ସାହୁ ଓ ସମ୍ମାନୀତ ଅତିଥିଭାବେ ମଙ୍ଗରାଜପୁର ପଂଚାୟତ ପୂର୍ବତନ ସମିତି ସଭ୍ୟ ଗୋପାଳ ଚନ୍ଦ୍ର ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀମାନେ ପୁସ୍ତକଗତ ଶିକ୍ଷା ଓ ଶାରୀରିକ କ୍ରୀଡା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇ ଥିଲେ । କ୍ରୀଡା ପ୍ରେମୀ ଶିକ୍ଷକ ଅନନ୍ତ କିଶୋର ପରିଡା ଅତିଥି ପରିଚୟ ଓ ମଂଚ ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରୀମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରାଯାଇ ଥିଲା । ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଗୋପାଳ ଚନ୍ଦ୍ର ମିଶ୍ର, ଶେଷଦେବ ବାରିକ, ପିତାମ୍ବର ପଣ୍ଡା, ଜ୍ୟୋସ୍ନାରାଣୀ ଶତପଥୀ, ସସ୍ମିତା ସାମଲ, ଅଶ୍ୱୀନି ପତି ଓ ଦୁଃଖୀଶ୍ୟାମ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଶେଷରେ ଶ୍ରୀବତ୍ସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କବିତା ସଂକଳନ 'ଲତାଗିରି ବନଗିରି' ପୁସ୍ତକ ଉନ୍ମୋଚିତ

ମାଲକାନଗିରି ,୧୯/୧୨ (ନି.ପ୍ର): କବି ଦୀନବଂଧୁ ବେଜଙ୍କ କବିତା ସଂକଳନ ଲତାଗିରି ବନଗିରି ୭ମ ପୁସ୍ତକ ମେଳା, ଭୁବନେଶ୍ୱର ଠାରେ ପାଠକାର୍ପଣ ହୋଇ ଯାଇଛି ।ଏହା କବିଙ୍କର ଦ୍ୱିତୀୟ ସଂକଳନ ଏହା ପୂର୍ବରୁ ତମସା ତୀରେ କବିତା ସଂକଳନ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ କର କମଳରେ ଉନ୍ମୋଚିତ ହୋଇ ପାଠକଙ୍କ ଭଲ ପାଇବା ସାଉଁଟି ପାରିଛି । ଲତାଗିରି ବନଗିରି କବିଙ୍କର ଏକ ନିଆରା ସଂକଳନ ଯେଉଁଥିରେ କବିଙ୍କ ର ଦକ୍ଷିଣ ପ୍ରବାସ ଭିତରେ ପ୍ରକୃତିର ନୈସର୍ଗିକ ଶୋଭାର ଅନୁଭବ ଓ ଆହରଣ ଫୁଟି ଉଠିଛି, ଓଡ଼ିଶାର ପାଣି ପବନର ମାଦକତାକୁ ପୁସ୍ତକ ଭିତରେ ବାନ୍ଧି ରଖିବା ସହିତ ସାହିତ୍ୟ ରେ ପାଠକଙ୍କୁ ଭାବ ପ୍ରବଣ କରିବାକୁ ଆର୍ପାଣ ଚେଷ୍ଟା କରିଛନ୍ତି । ସପ୍ତମ ରାଜଧାନୀ ପୁସ୍ତକ ମେଳା -୨୦୨୫ ସାଧନା ଲେଖାଲେଖି ପ୍ରକାଶନୀ ସଂସ୍ଥାର ର ପ୍ରଦର୍ଶନୀ ଷ୍ଟଲରେ ପ୍ରକାଶକ ଶ୍ରୀ ଗୋବିନ୍ଦଙ୍କ ସଂଯୋଜନା ରେ ଗତକାଲି ପୁସ୍ତକ ଉନ୍ମୋଚନ ଉତ୍ସବ ବେଶ ଉତ୍ସାହର ସହ ଅନୁଷ୍ଠିତ ହୋଇ ଯାଇଛି । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନରସିଂହ ମାଡ଼କାମୀ ବିଧାୟକ ମାଲକାନଗିରି, ବିଧାୟକ ନବରଙ୍ଗପୁର, ବିଧାୟକ ଡାବୁଗାଁ, ବିଧାୟକ ପାପଡ଼ାହାଣ୍ଡି ଙ୍କ ଉପସ୍ଥିତିରେ ସପ୍ତମ ରାଜଧାନୀ ପୁସ୍ତକମେଳା -୨୦୨୫ ସାଧନା ଲେଖାଲେଖିର ଷ୍ଟଲଠାରେ ଶୁଭ ଉନ୍ମୋଚନ ହୋଇ ଯାଇଛି ।ଏହି କବିତା ପୁସ୍ତକ ଲତାଗିରି ବନଗିରି ର କବି ଦୀନବଂଧୁ ବେଜ ଙ୍କ ପ୍ରୟାସ କୁ ଭୁରି ଭୁରି ପ୍ରଶଂସା କରି ଶ୍ରୀ ଗଣ୍ଡ କହିଥିଲେ କବିଙ୍କୁ ମୁଁ କୋରାପୁଟ ଲକ୍ଷ୍ମୀପୁର ସାହିତ୍ୟ ସଂସଦରେ ପୂର୍ବରୁ ସମ୍ବୋର୍ଧିତ କରିସାରିଛି ତାଙ୍କର ପ୍ରତିଭା ନିଶ୍ଚିତ ଭାବରେ ଅନନ୍ୟ, ସିଏ ଆହୁରି ଆଗକୁ ଯାଆନ୍ତୁ ଆଶିର୍ବାଦ ରହିଛି , ପ୍ରକାଶ ଯୋଗ୍ୟ ଲକ୍ଷ୍ମୀପୁର ସାହିତ୍ୟ ସଂସଦ କୋରାପୁଟ ତରଫରୁ ୨୦୨୪ ରେ ଶ୍ରୀ ବେଜକୁ ଶ୍ରୀଯୁକ୍ତ ଗଣ୍ଡ ଙ୍କ କର କମଳରେ ସାହିତ୍ୟ ବିଜ୍ଞାଣୀ ସମ୍ମାନରେ ସମ୍ମାନିତ କରା ଯାଇଥିଲା ।

# ଢେଂକିକୋଟରୁ କାଠ ବୋଝେଇ ଟ୍ରକ ଜବତ

କେନ୍ଦୁଝର,୧୯/୧୨ (ନି.ପ୍ର): ଘଟଗାଁ ରେଞ୍ଜ ଢେଂକିକୋଟ ଜଙ୍ଗଲ ସେକ୍ସନ ନିକଟ ବିଜାନାଳୀରୁ କାଠ ବୋଝେଇ ଟ୍ରକ ଓଡି ୦୯ ଏ ବି ୨୨୩୫ କୁ ବନ ବିଭାଗ ଜବତ କରିଛି । କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ ଡି ଧନରାଜ ନିର୍ଦ୍ଦେଶରେ ଘଟଗାଁ ରେଞ୍ଜର ସରୋଜ କୁମାର ମିଶ୍ର, ବନପାଳ ବିଶ୍ୱ ମୋହନ ମିଶ୍ର, ଢେଂକିକୋଟ ବନପାଳ ଅକ୍ଷୟ କୁମାର ମହାନ୍ତି, ପିପିଳିଆ ବନରକ୍ଷୀ ଶିବ ହାଁସଦା, ପାରା ଷ୍ଟାଫ ଚଢ଼ାଉ କରି ଟ୍ରକ କୁ ଜବତ କରିଛନ୍ତି। ଟ୍ରକରେ ୩୩ ଟନ ଉଇକାଲି ପଟାସ କାଠ ଭର୍ତି ଥିଲା, ଚାଲାଣ କାଠର କାଗଜ ଠିକ ଅଛିକି ନାହିଁ ତଦନ୍ତ ପରେ ଜଣା ପଡିବ ବଲି ବନ ବିଭାଗ କହିଛି।

# ଘଷିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୭ତମ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଘଟଗାଁ,୧୯/୧୨ (ନି.ପ୍ର): ଚଳିତ ପୌଷ ଶୁକ୍ଳ ତୃତୀୟା ଡ଼ିସେମ୍ବର ୨୧ ତାରିଖ ଅପରାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଘଷିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୭ତମ ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଘଷିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ବାବାଜୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବିଦ୍ୟାଳୟର ସଭାପତି ମଦନ ମୋହନ ରାଉତ, ସମ୍ପାଦକ ରଶ୍ମିରଞ୍ଜନ ନନ୍ଦ, କୋଷାଧକ୍ଷ ଅକ୍ଷୟ କୁମାର ସାହୁ, ସଭ୍ୟ ବିନୋଦ ବିହାରୀ ସେଠୀ ଓ ଚନ୍ଦ୍ରିକା ସାହୁ ପ୍ରମୁଖ ଉପସ୍ଥିତ ରହି ବାର୍ଷିକ ଉତ୍ସବ କିପରି ସରସ ସୁନ୍ଦର ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେବାକୁ ଥିବାବେଳେ ସମ୍ମାନିତ ଅତିଥି ଭାବେ ଜି ଏସ୍ ଟି ଓ କଷ୍ଟମ କମିଶନର ସୁଶାନ୍ତ ମିଶ୍ର ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୟୂରଭଞ୍ଜ ବିଭାଗ ସେବା ପ୍ରମୁଖ ଖଗେଶ୍ୱର ମହାନ୍ତ ଯୋଗଦେଇ ଅପରାହ୍ନ ୩ଟା ରେ ଅନୁଷ୍ଠାନର ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ ଏବଂ ପୁଷ୍ପାଞ୍ଜଳି ଅର୍ପଣ ପରେ ଶିଶୁ କଳିକା ମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ୪ଟା ରେ ସଭାକାର୍ଯ୍ୟ ଆରମ୍ଭ ହେବ। ମାତୃବନ୍ଦନା, ସାମୂହିକ କଣ୍ଠ, ସଙ୍ଗୀତ, ସ୍ୱାଗତ ଓ ଅତିଥି ପରିଚୟ, ସିଂହାବଲୋକନ, ଅତିଥି ଓ ବକ୍ତାଙ୍କ ଆଶୀର୍ବଚନ ପରେ ପୁରସ୍କାର ବିତରଣ, ବନ୍ଦେ ମାତରମ୍, ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ସପରିବାର ଉପସ୍ଥିତ ହୋଇ କୁନି କୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସହିତ ଦେଶର ଭବିଷ୍ୟତ ପ୍ରସ୍ଫୁଟିତ ହେବାରେ ଆପଣ ମାନଙ୍କ ପ୍ରେରଣା ଏକାନ୍ତ କାମ୍ୟ ବୋଲି ଘଷିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କମିଟି ପକ୍ଷରୁ ନିବେଦନ କରାଯାଇଛି।

## ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା

ମାଲକାନଗିରି,୧୯/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଉଷ୍କାପଲ୍ଲି ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ଜଣାପଡ଼ିଛି । କାଲିମେଳା ପୋଲିସ୍ ଘଟଣା ସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ ଉଷ୍କାପଲ୍ଲି ଗ୍ରାମର ମୁକା ପଡ଼ିଆମି ( ୫୪ ) ନାମକ ବ୍ୟକ୍ତିଙ୍କୁ ବୁଧବାର ରାତିରେ ଦୁଇ ଜଣ ବ୍ୟକ୍ତି ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଫଳରେ ସେ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ । ଖବର ପାଇ କାଲିମେଳା ପୋଲିସ୍ ଗ୍ରାମରେ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ଆଜି ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି । ସାଇଂଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଂଚିଲା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି ।

# ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ

ଭଦ୍ରକ,୧୯/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ପଂଚାୟତ ଉଚ୍ଚ ବିଦ୍ୟାପୀଠରେ ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା ) ପକ୍ଷରୁ ଶିଶୁ ଉତ୍ସବ -୨୦୨୫ ଅନୁଷ୍ଠିତ ହୋଇଯାଇଛି ।ବିଡ଼ିଓ ନିରଞ୍ଜନ ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ଉତ୍ସବକୁ ଉଦ୍ଘାଟନ କରିଥିଲେ ।ଏହିଅବସରରେ ଓଷ୍ଟାର ବ୍ଲକ ଉପସଭାପତି ବିଷ୍ଣୁ ଚରଣ ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ବିଡ଼ିଓ ଶ୍ରୀ ବାରିକ ଯୋଗଦେଇ ଶିଶୁଙ୍କ ପ୍ରତିଭାର ବିକାଶରେ ଶୁଶୁ ଉତ୍ସ୍ୱ ସହାୟକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଷ୍ଟାର ପୂର୍ବତନ ଜିଲା କାର୍ଯ୍ୟକାରୀ ସଭାପତି ଦେବବ୍ରତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଜିଲା ସହସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ଆନନ୍ଦପ୍ରସାଦ ସିନ୍ଦୋଳ ପଞ୍ଚାୟତ ସହଯୋଗ ହାଇସ୍କୁଲ ପ୍ରଧାନଶିକ୍ଷକ ଭକ୍ତବନ୍ଧୁ ପତି, ପରିଚାଳନା କମିଟି ସଭାପତି ସୁକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଶିଶୁ ଉତ୍ସବ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ଆଗ୍ରହ ସୃଷ୍ଟିକରେ ବୋଲି କହିଥିଲେ । ଓଷ୍ଟାର ବ୍ଲକ ସମ୍ପାଦକ ପ୍ରଧାନଶିକ୍ଷକ ବିଶ୍ୱନାଥ ପଣ୍ଡା ବିବରଣୀ ପାଠ କରିଥିଲେ । ଜିଲା କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ନିତ୍ୟାନନ୍ଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଉତ୍ସବରେ ବ୍ଲକର ୨୧ଟି ସ୍କୁଲର ୨୬୨ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ କଣ୍ଠ ସଙ୍ଗୀତ, ତର୍କ, ଗଳ୍ପ ଲିଖନ, କବିତା ରଚନା, ସାଧାରଣ ଜ୍ଞାନ, କୁଇଜ ଇତ୍ୟାଦି ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସଂଘ ପତାକା ଉତୋଳନ କରାଯାଇଥିଲା । ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭାରେ ଓଷ୍ଟାର ଉପ ସଭାପତି ଶ୍ରୀ ନାୟକ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ସରପଂଚ ସୁପ୍ରଭା ପାଣି, ମୁଖ୍ୟବକ୍ତା ଓଷ୍ଟା ଜିଲା ସଭାପତି ଶଶି ଶେଖର କରଶର୍ମା, ବିଶିଷ୍ଟ ଅତିଥି ଭାବେ ଜିଲା ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ, ସମିତିସଭ୍ୟ ନକୁଳ ବାରିକ, ପୂର୍ବତନ ସରପଂଚ ମୀନକେତନ ସେନାପତି, ଶିକ୍ଷକ ରତିକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ସମ୍ବଲପୁର ବନ୍ଦକୁ ସମର୍ଥନ ପାଇଁ ଚାଷୀଙ୍କ ବାଇକ୍ ରାଲି

ସମ୍ବଲପୁର,୧୯/୧୨ (ନି.ପ୍ର): ଖରିଫ୍ ଧାନ ବିକ୍ରି ପାଇଁ ଟୋକନ ବଣ୍ଟନ ସମସ୍ୟା ବିରୋଧରେ ଚାଷୀ ସଂଗଠନ ପକ୍ଷରୁ ଶୁକ୍ରବାର ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ସମ୍ବଲପୁର ବନ୍ଦକୁ ସଫଳ କରିବାକୁ ଜନସାଧାରଣ ତଥା ବିଭିନ୍ନ ସାମାଜିକ ଓ ଶ୍ରମିକ ସଂଗଠନର ସମର୍ଥନ ପାଇଁ ଗୁରବାର ଏକ ବାଇକ ରାଲି ଆୟୋଜିତ ହୋଇଥିଲା। ବରେଇପାଲି ଆରଏମସି ମଣ୍ଡିରୁ ହାତରେ ବିଭିନ୍ନ ପ୍ରକାର ସରକାର ବିରୋଧି ପ୍ଲାକାର୍ଡ ଧରି ଶତାଧିକ ଚାଷୀ ବାଇକ ରାଲିରେ ବାହାରି ମାଁ ସମଲେଇଙ୍କ ମନ୍ଦିର ଦେଇ ସହର ପରିକ୍ରମା ସ୍ୱରୂପ ଶୁକ୍ରବାର ସମ୍ବଲପୁର ବନ୍ଦକୁ ସମର୍ଥନ ଓ ସହଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହା ପୂର୍ବରୁ ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଉକ୍ତ ମଣ୍ଡିରେ ଅନୁଷ୍ଠିତ ବୈଠକରେ ଶୁକ୍ରବାର ସମ୍ବଲପୁର ବନ୍ଦର ରୂପରେଖ ସ୍ଥିର ସହ ବାଇକରାଲିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚାଷୀମାନେ ଚାଷୀଙ୍କ ବିରୋଧରେ ସରକାର ଷଡ଼ଯନ୍ତ୍ର କରୁଥିବା ସରକାର ଡାଉନ୍ ଡାଉନ ବୋଲି ନାରା ଦେଇ ସହର ପରିକ୍ରମା କରିଥିଲେ। ଟୋକନ ସମସ୍ୟାର ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ ସତ୍ତ୍ୱେ ଏହାର ସମାଧାନ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉ ନାହାନ୍ତି। ତେଣୁ ଚାଷୀ ସଂଗଠନ ପକ୍ଷରୁ ଶୁକ୍ରବାର ସମ୍ବଲପୁର ବନ୍ଦ କରିବାକୁ ନିଷ୍ପତି ହୋଇଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲା କଂଗ୍ରେସ

କେନ୍ଦୁଝର,୧୯/୧୨ (ନି.ପ୍ର): ଭାରତୀୟ ଜାତୀୟ କଂଗ୍ରେସର ସବୁଠାରୁ ଦୀର୍ଘ ସମୟ ଧରି ସଭାପତି ଭାର ଗ୍ରହଣ କରିଥିବା ସୋନିଆ ଗାନ୍ଧୀ ଓ ଏବେକାର ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଗତ ଦଶ ବର୍ଷ ଧରି ଚାଲିଥିବା ନ୍ୟାସନାଲ ହେରାଲଡ଼ ମାମଲାରେ କୋର୍ଟ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧିଙ୍କୁ ନାମକୁ ନୋଟିସରେ ନେବାକୁ ବିଚାର କରି ମନା କରିଛନ୍ତି। କଂଗ୍ରେସ କହିଛି ଗତ ଦଶବର୍ଷ ଧରି ବିଭିନ୍ନ ଉପାୟରେ ବିଜେପି ସରକାର ସେମାନଙ୍କୁ ହଇରାଣ କରୁଥିବା ବେଳେ ଏହି ନିଷ୍ପତି ସାରା ଦେଶରେ କଂଗ୍ରେସ କର୍ମୀ ମାନଙ୍କ ମଧ୍ୟରେ ଉତ୍ସାହ ଉଦିପନା ସୃଷ୍ଟି ହୋଇଛି। ଦେଶରେ ବିଜୟ ଉତ୍ସବ ପାଳନ କରିବା ବଦଳରେ ଜିଲ୍ଲା – କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଷମା ପ୍ରାର୍ଥନା ମାଗିବାକୁ କଂଗ୍ରେସ କର୍ମୀ ଦାବୀ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗ ଦେଇଥିଲେ ଏବଂ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ଯଶବନ୍ଧୁ ସିଂ ଲାଗୁରି, ଦିନେଶ ରାଉତ, ଲିନୁ ସିଂହ, ନିର୍ମଳ ନାଏକ, ମହିଳା ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସବିତା ସାହୁ, ସୋନାଲି ମାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

# ଟଂଟି ଚିପି ସ୍ୱାମୀକୁ ହତ୍ୟା: ହତ୍ୟାକାରୀ ସ୍ତ୍ରୀ ଗିରଫ

ସମ୍ବଲପୁର,୧୯/୧୨ (ନି.ପ୍ର): ବୁର୍ଲା ଥାନା ଅନ୍ତର୍ଗତ ଏମସିଏଲ ଜାଗୃତି ବିହାର ଠାରେ ଜଣେ ଏମସିଏଲ କର୍ମଚାରୀଙ୍କୁ ତାଙ୍କ ଧର୍ମପତ୍ନୀ ଟଂଟି ଚିପି କରିଛନ୍ତି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଝାରସୁଗୁଡ଼ା ଲଖନପୁର ମୂଳ ବାସିନ୍ଦା ତଥା ବର୍ତମାନ ବୁର୍ଲା ଏମସିଏଲରେ କର୍ମଚାରୀ ଆକାଶ ମୁଣ୍ଡା(୨୫)। ତାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ତ୍ରୀଙ୍କୁ ପୋଲିସ ଗିରଫ କରିଛି। ସେ ହେଉଛନ୍ତି ସୁନ୍ଦରଗଡ଼ ଜିଲା ଭସ୍ମଲେପନ ଅନ୍ତର୍ଗତ ଦେଉଳି ଗ୍ରାମର ସରସ୍ୱତୀ ମୁଣ୍ଡା(୨୩)। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଗାମୁଛାକୁ ପୋଲିସ ଜବତ କରିଛି। ଏନେଇ ମୃତକ ଆକାଶଙ୍କ ବଡ଼ ଭଉଣୀ ସଂଯୁକ୍ତା ମୁଣ୍ଡାଙ୍କ ଏତଲା କ୍ରମେ ବୁର୍ଲା ଥାନାରେ କେସ ନମ୍ବର ୫୭୨/୨୦୧୫ରେ ଏକ ମାମଲା ରୁଜୁ କରି ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାସହ ପୋଲିସ ଅଭିଯୁକ୍ତା ସରସ୍ୱତୀଙ୍କ ଗୁରୁବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ ଏତଲାକାରୀ ସଂଯୁକ୍ତାଙ୍କ ଅନୁସାରେ, ତାଙ୍କ ଭାଇ ଆକାଶ ଏମସିଏଲରେ କାର୍ଯ୍ୟ କରୁଥିଲେ। ସେ ତାଙ୍କ ସ୍ତ୍ରୀ ଓ ଛୋଟ ଛୁଆ ସହ ଜାଗୃତିବିହାରରେ ଏମସିଏଲର କ୍ୱାର୍ଟରରେ ରହୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କ ପଡ଼ୋଶୀଙ୍କ ଠାରୁ ଆକାଶଙ୍କୁ ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତି କରାଯାଇଥିବା ଖବର ମିଳିଥିଲା। ତତ୍କ୍ଷଣାତ ସେ ଆସି ଭିମସାରରେ ପଂଚିଥିଲେ। ମାତ୍ର ସେତେବେଳକୁ ତାଙ୍କ ଭାଇଙ୍କ ମୃତ୍ୟୁ ହୋଇ ସାରିଥିଲା। ତେବେ ସେ ପଡ଼ୋଶୀଙ୍କ ଠାରୁ ଜାଣିବାକୁ ପାଇଲେ ଯେ, ଉକ୍ତଦିନ ସନ୍ଧ୍ୟାରେ କୌଣସି କଥାକୁ ନେଇ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ବାଡ଼ିଆପିଟା ପର୍ଯ୍ୟନ୍ତ ଯାଇଥିଲା। ତେବେ ଏହି ସମୟରେ ଆକାଶ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପଡ଼ୋଶୀ ଲୋକେ ତୁରନ୍ତ ବୁର୍ଲା ଭିମସାରରେ ଭର୍ତି କରିଥିଲେ। ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅପରପକ୍ଷରେ ଗୁରୁବାର ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଆକାଶଙ୍କ ଶ୍ୱାଶରୁଦ୍ଧ ଜନିତ କାରଣରୁ ମୃତ୍ୟୁ ଘଟିଥିବା ଜଣା ପଡ଼ିଥିଲା।

# କୋଳଥ

ମୁଗ ବିରି ପରି କୋଳଥ ଏକ ଡାଲି ଜାତୀୟ ରବି ଫସଲ। ଏହି ଡାଲି ଯେତିକି ସ୍ୱାଦିଷ୍ଟ ସେତିକି ସ୍ୱାସ୍ଥ୍ୟପ୍ରଦ। ତେବେ ଏହା ପଶୁମାନଙ୍କ ଆହାର ହୋଇଥିବାରୁ ଏହି ଡାଲି ଖାଇବାକୁ କେତେକ ନାପସନ୍ଦ କରିଥାନ୍ତି। ତଥାପି ଏହାର ଆଦର କିଛି କମ୍ ନୁହେଁ। ପ୍ରୋଟିନ, ଆଇରନ ଏବଂ କାର୍ବୋହାଇଡ୍ରେଟସରେ ଏହା ଭରପୁର। ଏହା ମେଦବହୁଳତା ତଥା ଓଜନ ହ୍ରାସ କରିଥାଏ। ଏଥିରେ ଥିବା ଫାଇବର୍ ରକ୍ତଚାପ ଏବଂ ରକ୍ତଶର୍କରା ନିୟନ୍ତ୍ରଣରେ ସହାୟକ ହୋଇଥାଏ। ମହିଳାମାନଙ୍କ ମାସିକ ସମସ୍ୟାକୁ ଏହା ଦୂରକରେ, ଥଣ୍ଡା ଜ୍ୱରରୁ ମଧ୍ୟ ଆରାମ ଦିଏ।



ଆୟୁର୍ବେଦିକ୍ ଔଷଧରେ କୋଳଥର ବିଭିନ୍ନ ପ୍ରୟୋଗ ରହିଛି। ଭାରତରେ ଏହାର ଚାଷବାସ ବେଶ୍ ପୁରୁଣା। ଭାରତରୁ ଏହା ଦକ୍ଷିଣପୂର୍ବ ଏସିଆ ଏବଂ ଆଫ୍ରିକା ଯାଇଥିବା କୁହାଯାଏ। ଏବେ ଜାଣନ୍ତୁ କୋଳଥର କିଛି ଔଷଧୀୟ ଉପଚାର।



- କୋଳଥର କାଢ଼ା ପ୍ରସ୍ତୁତ କରି ସେବନ କରିବା ଦ୍ୱାରା ବାତ ସମସ୍ୟା ଦୂରହୁଏ। ତେବେ ଏହି କାଢ଼ାରେ ଗୋଲମରିଚ ଗୁଣ୍ଡ ପକାଇ ପିଇବା ଦ୍ୱାରା ଗଳା ସମସ୍ୟାରୁ ରକ୍ଷା ମିଳେ।

- କୋଳଥ ଡାଲି ଖାଇବା ଦ୍ୱାରା ଅନେକ ପେଟରୋଗର ଉପଶମ ହୁଏ।

- ଏହାର କାଢ଼ାରେ ହେଙ୍ଗୁ ଏବଂ ଶୁଣ୍ଠିଗୁଣ୍ଡ ସହ ସାମାନ୍ୟ ଲୁଣ ମିଶାଇ ସକାଳେ ଏବଂ ସନ୍ଧ୍ୟାରେ ସେବନ କରିବା ଦ୍ୱାରା ପେଟ ଯନ୍ତ୍ରଣା ଦୂରହୁଏ।

- ଅତିସାର ଭୋଗୁଥିବା ରୋଗୀଙ୍କ ପାଇଁ କୋଳଥର କଅଁଳିଆ ପତ୍ରର ରସ ଉପକାରୀ ସିଦ୍ଧ,ହୋଇଛି।

- ଶ୍ୱାସରୋଗୀମାନଙ୍କ ପାଇଁ କୋଳଥ ଉପକାରୀ। ଏହାକୁ ପାଣିରେ ଭଲ ଭାବରେ ସଝାଇ ସେଥିରେ ସାମାନ୍ୟ ସୈନ୍ଧବ ଲବଣ ଏବଂ ହଳଦୀ ମିଶାଇ ତାକୁ ଛାଣି ଶ୍ୱାସରୋଗୀକୁ ପିଇବାକୁ ଦେଲେ ଉପକାର ହୋଇତାଏ। ଏହା ଦିନକୁ ତିନି ଚାରିଥର ପିଇବାକୁ ଦେବା ଦରକାର।

- କୋଳଥ, ପାଷାଣଭେଦୀ ଏବଂ ଗୋଖାରୁର କାଢ଼ା ପ୍ରସ୍ତୁତ କରି ସକାଳେ ଏବଂ ସନ୍ଧ୍ୟାରେ ପିଇବା ଦ୍ୱାରା କିଛି ସପ୍ତାହ ମଧ୍ୟରେ ପଥରୀ ରୋଗ ଦୂର ହୋଇଥାଏ। ଏହା ପରିସ୍ରା ସହ ଧୀରେ ଧୀରେ ବାହାରି ଆସିଥାଏ। କୋଳଥ ଡାଲି ଖାଇବା ଦ୍ୱାରା ମଧ୍ୟ ପଥରୀ ସମସ୍ୟା ଦୂରହୁଏ। ଏଥିରେ ଥିବା ଭିଟାମିନ ଏ ପଥରୀକୁ ବାହାରକୁ ବାହାର କରିବାରେ ସହାୟକ ହୋଇଥାଏ। ଥରେ ପଥରୀରେ ପୀଡ଼ିତ ହୋଇଥିବା ରୋଗୀଠାରେ ପୁଣିଥରେ ଏହା ହେବାର ସମ୍ଭାବନା ଥାଏ। ତେଣୁ ଏହା ଭଲ ହେବା ପରେ ମଧ୍ୟ ମଝିରେ ମଝିରେ କୋଳଥ ସେବନ କରିବା ଦରକାର।



- କୋଳଥ ଗଛରେ ରହିଛି ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ। ତ୍ୱଚାରେ ତୈଳକୁ ହ୍ରାସ କରିବା ପୁଣି ପରିସ୍ରା ବୃଦ୍ଧି କରିବାର ଗୁଣ ଏହାର ରହିଛି। ଏହା ତରଳ ଝାଡ଼ା, ହେମରେଜ, ହେମୋରଏଡ୍ ପରି ସମସ୍ୟା ଦୂର କରିଥାଏ।

- କୋଳଥକୁ ଖାଦ୍ୟ ରୂପେ ବ୍ୟବହାର କରିବା ଦ୍ୱାରା ଋତୁକାଳୀନ ଯନ୍ତ୍ରଣା ଏବଂ ଲ୍ୟୁକୋରିୟା ପରି ସମସ୍ୟା ଦୂରହୁଏ। ଅନିୟମିତ ଋତୁସ୍ରାବ ହେଉଥିଲେ କୋଳଥର ସୁପ୍ ପ୍ରସ୍ତୁତ କରି ପିଇବା ଦ୍ୱବରା ଲାଭ ମିଳିଥାଏ।

- ଲିଭର ଦୁର୍ବଳ ଥିବା ବ୍ୟକ୍ତି ପାଇଁ ଟେକଳଥ ଡାଲି ଉପକାରୀ।

- କିଛି କୋଳଥ ନେଇ ପାଣିରେ ସିଝାନ୍ତୁ। ଏହି ପାଣିରେ ସେବନ ଜ୍ୱର ରୋଗକୁ ହ୍ରାସ କରେ।

- କୋଳଥକୁ ଚୂନା କରି ରଖନ୍ତୁ। ସେହି ଚୂନାରୁ ପ୍ରତିଦିନ ଦୁଇ ଚାମଚ ପାଣିରେ ମିଶାଇ ପିଇବା ଦ୍ୱାରା ତ୍ୱଚାରୁ କୁଞ୍ଚନ ଦୂର ହୋଇଥାଏ।

- ନିୟମିତ କୋଳଥ ଡାଲି ଖାଇବା ଦ୍ୱାରା ମେଦ ହ୍ରାସ ଘଟିଥାଏ। ଦୈନିକ ୧୦୦ ଗ୍ରାମର କୋଳଥଡାଲି ଖାଇବା ଦ୍ୱାରା ମାସକ ମଧ୍ୟରେ ମୋଟାପଣ କମିଯାଏ।

- ଗୋଟେ ଲିଟର ପାଣିରେ ୫୦ ଗ୍ରାମ କୋଳଥ ମିଶାଇ ତାକୁ ଭଲ ଭାବେ ଫୁଟାନ୍ତୁ। ପାଣି ମରି ମରି ଯେତେବେଳେ ମାତ୍ର ଏକ ଚତୁର୍ଥାଂଶ ପାଣି ରହିବ ତାକୁ ଓହ୍ଲାଇ ଛାଣି ଦିଅନ୍ତୁ। ଏଥିରେ ଆବଶ୍ୟକତା ଅନୁଯାୟୀ ସୈନ୍ଧବ ଲବଣ ଏବଂ ଅଧଚାମଚ ଶୁଣ୍ଠିଚୂନା ପକାନ୍ତୁ। ଏହାକୁ ପିଇବା ଦ୍ୱାରା ବାତଜ୍ୱରରୁ ଅରାମ ମିଳିଥାଏ।

- ଚିକିତ୍ସା ବିଶେଷଜ୍ଞଙ୍କ ମତରେ ଶ୍ୱାସ ଏବଂ କଫରୋଗରେ କୋଳଥ ସେବନ ଲାଭଦାୟକ ହୋଇଥିଲେ ମଧ୍ୟ ଶ୍ୱାସରୋଗୀର କଫ ଯଦି ଶୁଷ୍କ ହୋଇଯାଏ ତେବେ ଏହା ସେବନ କରିବା ଉଚିତ ନୁହେଁ, କାରଣ ଏହାଦ୍ୱାରା ଅଧିକ କ୍ଷତି ଘଟିଥାଏ। ଗର୍ଭବତୀ ମହିଳାମାନେ କୋଳଥ ନଖାଇବା ଭଲ। ଅତ୍ୟଧିକ ଅମ୍ଳ ପୀଡ଼ିତ ବ୍ୟକ୍ତି କୋଳଥ ନଖାଇବା ଉଚିତ।

# ସ୍ୱାସ୍ଥ୍ୟ ପକ୍ଷେ ହିତ ତାଳି



ଉଚ୍ଚ ରକ୍ତଚାପରୁ ମୁକ୍ତି ପାଇବା ପାଇଁ ପ୍ରତିଦିନ ସାକଳେ ଅଧାଘଂଟା ଲେଖାଏଁ ତାଳି ମାରିବା ଉଚିତ୍।

- ପ୍ରତିଦିନ ତାଳି ମାରିବା ଦ୍ୱାରା ରକ୍ତରେ କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଇଥାଏ। ଏପରି କରିବା ଦ୍ୱାରା ହୃଦୟଜନିତ ରୋଗରୁ ମୁକ୍ତି ମିଳିଥାଏ, ଅତ୍ୟଧିକ ଚର୍ବି ହ୍ରାସ ପାଳଇଥାଏ, ମୋଟାପଣ କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

- ତାଳି ମାରିବା ଅଭ୍ୟାସ ରଖିଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଫଳରେ ଥଣ୍ଡା, କାଶ ଓ ଜ୍ୱର ଆଦି ରୋଗରୁ ମୁକ୍ତି ମିଳିଥାଏ।

- ପ୍ରତ୍ୟେହ ତାଳି ମାରିବା ଦ୍ୱାରା ଶରୀରରେ ଅମ୍ଳଜାନ ପ୍ରବାହ ସୁଚାରୁରୂପେ ହୋଇଥାଏ।

- ଏହା କରିବାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ।

- ରାତିରେ ନିଦ ହେଉ ନାହିଁ, ରାତି ଅନିଦ୍ରା ହେତୁ ବିଭିନ୍ନ ପ୍ରକାରର ରୋଗମାଡ଼ି ବସୁଛି। ଏଥିପାଇଁ ପ୍ରତିଦିନ ତାଳି ମାରିବାର ଅଭ୍ୟାସ ରଖନ୍ତୁ। ଏପରି କରିବା ଦ୍ୱାରା ଶରୀରରେ ଏମିତି କିଛି ହରମୋନ କ୍ଷରିତ ହୋଇଥାଏ, ଯାହା ରାତିରେ ଭଲ ନିଦ ହେବାର ସାହାଯ୍ୟ କରିଥାଏ।

- ଅନେକ ସମୟରେ ମନରେ ବିଭିନ୍ନ ପ୍ରକାର ଚିନ୍ତା ମାଡ଼ିଥାଏ। ଏହି ଚିନ୍ତା ଯୋଗୁଁ ମୁଣ୍ଡବିନ୍ଧା ହୋଇଥାଏ। ଯେତେ ପ୍ରକାର ଔଷଧ ସେବନ କଲେ ଭଲ ହୋଇନଥାଏ। ସେ କ୍ଷେତ୍ରରେ ପ୍ରତିଦିନ ତାଳି ମାରନ୍ତୁ ମୁଣ୍ଡବିନ୍ଧା ରୋଗରୁ ମୁକ୍ତି ପାଇବେ।

# ହଜମ ସମ୍ବନ୍ଧିତ ସମସ୍ୟା ହେବ ଦୂର: ଗଳା ଦରଜ ହେଉଥିଲେ ବି ଔଷଧ ପରି କରିବ କାମ

ଗୁଜୁରାତି ପ୍ରାୟ ସବୁ ଭାରତୀୟ ରୋଷେଇ ଘରେ ମିଳିଥାଏ । ଏହାର ବ୍ୟବହାର ସାଧାରଣତଃ ଲୋକମାନେ ଖାଇବା ବା ଚା'ର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରିଥାନ୍ତି । ଏହି ଦୁଇଟି କାମ ଅପେକ୍ଷା ଗୁଜୁରାତି ଖାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ । ଏହାକୁ ଖାଇବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦୂର ହୋଇଥାଏ ।ତେବେ ଆସନ୍ତୁ ଜାଣିବା ଏହାର ଫାଇଦା ବିଷୟରେ। ଗୁଜୁରାତିକୁ ଆପଣ ଏକ ଉତ୍ତମ 'ମାଉଥ୍ ଫ୍ରେସ୍‌ନର' ବୋଲି କହିପାରନ୍ତି। ଦାନ୍ତ ଘଷିବା ପରେ ମଧ୍ଯ କିଛି ଲୋକଙ୍କ ମୁହଁରୁ ଦୁର୍ଗନ୍ଧ ବାହାରିଥାଏ। ଏହାକୁ ଦୂର କରିବା ପାଇଁ ସେମାନେ ବିଭିନ୍ନ ପ୍ରକାରର ମାଉଥ୍ ଫ୍ରେସନର ବ୍ୟବହାର କରିଥାନ୍ତି । କିନ୍ତୁ ସେଥିରୁ ମଧ୍ଯ କୌଣସି ଲାଭ ମିଳି ନ ଥାଏ । ଏତେ ସବୁ କରିବା ଅପେକ୍ଷା ଗୋଟିଏ ଗୁଜୁରାତି ଖାଇ ନିଅନ୍ତୁ । ଯାହାର ଫାଇଦା ଆପଣମାନେ ଜାଣି ପାରିବେ । ଆଜିକାଲି



ଲୋକମାନଙ୍କ କ୍ଷେତ୍ରରେ ହଜମ ସମସ୍ୟା ସାଧାରଣ ହୋଇଗଲାଣି । ଏଭଳି ସମସ୍ୟା ଥିଲେ ପ୍ରତିଦିନ ଗୁଜୁରାତି ସେବନ କରନ୍ତୁ । ଏହା ଦ୍ୱାରା ହଜମ ସମ୍ବନ୍ଧିତ ସମସ୍ୟା ଦୂର ହୋଇଥାଏ। ଓଜନ ହ୍ରାସ କରିବା ପାଇଁ ବି ଗୁଜୁରାତି ଖୁବ୍ ଭଲ। ଗଳା ଦରଜ ହେଉଥିଲେ ବା କାଶ ହେଉଥିଲେ ଗରମ ପାଣି ସହିତ ଗୋଟିଏ ଗୁଜୁରାତି, ଖଣ୍ଡେ ଅଦା, ଗୋଟିଏ ଲବଙ୍ଗ ଏବଂ ୩-୪ଟି ତୁଳସୀ ପତ୍ର ଖାଆନ୍ତୁ । ଏପରି କଲେ ଗଳାର ସମସ୍ୟା ଦୂର ହୋଇଥାଏ। ଗୁଜୁରାତି ଖାଇବା ଦ୍ୱାରା ହଜମ ମଧ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ଯେ ଅତ୍ୟଧିକ ଗୁଜୁରାତି ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ।

# ଘରର କେଉଁ ଦିଗରେ ନିର୍ମାଣ କରିବେ ଷ୍ଟୋରରୁମ୍

ଯଦି ଘର ନିର୍ମାଣ କରିବା ସମୟରେ ସଠିକ୍ ସ୍ଥାନରେ ଷ୍ଟୋର ରୁମ୍ କରିନାହାନ୍ତି, ତେବେ ବାସ୍ତୁଦୋଷ ଉତ୍ପନ୍ନ ହେବା ସହିତ ଅନେକ ସମସ୍ୟା ଉପୁଜିପାରେ। ଏହାକୁ ସର୍ବଦା ଧ୍ୟାନରେ ରଖିବା ଉଚିତ ଯେ, ଯଦି ଘରେ କୌଣସି ଅଦରକାରୀ ଜିନିଷ ଅଛି, ତେବେ ତାହାକୁ ସଜାଡ଼ି ଦେଇ ସଠିକ୍ ସ୍ଥାନରେ ରଖନ୍ତୁ। ଅନୁପଯୋଗୀ ବସ୍ତୁଗୁଡ଼ିକ ଘରର ସକାରାତ୍ମକ ଶକ୍ତିକୁ ଦୁର୍ବଳ କରିଥାଏ। ଏସବୁକୁ ଷ୍ଟୋରରୁମ୍‌ରେ ରଖୀବାକୁ ହୁଏ। ତେଣୁ କେଉଁ ଦିଗରେ ଷ୍ଟୋର ରୁମ୍ ରହିବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ଏବଂ କେଉଁ ଦିଗ ଏହା ପାଇଁ ଉଚିତ ନୁହେଁ, ସେ ସମ୍ପର୍କରେ କିଛି ବାସ୍ତୁ ନିୟମ ରହିଛି। ବିଭିନ୍ନ ଦିଗରେ ନିର୍ମିତ ଷ୍ଟୋରରୁମ୍ ବିଭିନ୍ନ ପ୍ରଭାବ ପକାଇଥାଏ। ଏ ସମ୍ପର୍କରେ ଆସନ୍ତୁ ଜାଣିବା।



ଉତ୍ତର ଦିଗ ଧନ ଓ ସୁଯୋଗର କ୍ଷେତ୍ର ଅଟେ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଉଚିତ ନୁହେଁ। ଏହି ଦିଗରେ ଷ୍ଟୋରରୁମ୍ ରହିବା ଦ୍ୱାରା ପରିବାର ସଦସ୍ୟଙ୍କ କ୍ୟାରିୟରର ବିକାଶ ଓ ଧନ ଆଗମନରେ ବାଧକ ସୃଷ୍ଟି ହୋଇଥାଏ।

ଉତ୍ତର-ପୂର୍ବ ଦିଗକୁ ସବୁବେଳେ ଖୋଲା ରଖୀବା ପାଇଁ ନିୟମ ରହିଛି। ଏହି ଦିଗ ବୁଦ୍ଧି ଓ ମାନସିକ ଶକ୍ତି ସହିତ ଜଡ଼ିତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ କରି ଅଦରକାରୀ ଜିନିଷ ରଖୀବା ଦ୍ୱାରା ନକାରାତ୍ମକ ଚିନ୍ତନ, ଦ୍ୱନ୍ଦ୍ୱ ଓ ଅନିଶ୍ଚିତତା ସୃଷ୍ଟି ହୁଏ।

ପୂର୍ବ ଦିଗରେ ମଧ ଷ୍ଟୋରରୁମ୍ ନିର୍ମାଣ କରନ୍ତୁ ନାହିଁ। କାରଣ ଏହା ସ୍ୱାସ୍ଥ୍ୟ ଓ ଚିନ୍ତାଶକ୍ତି ଉପରେ କୁପ୍ରଭାବ ପକାଇଥାଏ। ସମାଜିକ କ୍ଷେତ୍ରରେ ବିକାଶରେ ଏହା ବାଧା ଦେଇଥାଏ। ଅନେକ ଚେଷ୍ଟା ପରେ ବି ବ୍ୟକ୍ତି ସଫଳ ହୋଇପାରିନଥାନ୍ତି।

ଦକ୍ଷିଣ ପୂର୍ବ ଦିଗ ଧନ ଆସିବା ଓ ଖର୍ଚ୍ଚ କରିବା ସହିତ ଜଡ଼ିତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଦ୍ୱାରା ଧନ ଆସିବାର ମାର୍ଗ ଅବରୋଧ ହୋଇଥାଏ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ ଦକ୍ଷିଣରୁ ପଶ୍ଚିମ ଦିଗ ମଧ୍ୟରେ ଭାରୀବସ୍ତୁ ରଖୀବା ପାଇଁ ନିୟମ ରହିଛି। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ କରିବା ସବୁଠାରୁ ଉତ୍କୃଷ୍ଟ। ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ ହୋଇଥିଲେ ଶକ୍ତି, ଆତ୍ମବିଶ୍ୱାସ ଓ ସୁରକ୍ଷାର ଭାବନା ଆସିଥାଏ। ଅଜଣା ଭୟରୁ ମୁକ୍ତି ଦେବା ସହ ମନକୁ ଶାନ୍ତ ରଖୀଥାଏ।

ପଶ୍ଚିମ ଦିଗରେ ଷ୍ଟୋରରୁମ୍ ନିର୍ମାଣ ମଧ ଉତ୍ତମ ପ୍ରଭାବ ପକାଇଥାଏ। ଏହା ଶିଶୁମାନଙ୍କ କ୍ଷେତ୍ରରେ ସଂସ୍କାରର ମୁଖ୍ୟ ଆଧାର ହୋଇଥାଏ ଏବଂ କ୍ୟାରିୟର ପ୍ରତି ସଜାଗ ରହିବାରେ ସହାୟକ ହୋଇଥାଏ। ଏଠାରେ ଲୁହା ଆଲମାରୀ ଓ ପୁରୁଣା ବାକ୍ସ ଆଦି ରଖୀପାରିବେ।

ଉତ୍ତର-ପଶ୍ଚିମ ଦିଗ ସହଯୋଗ ସହିତ ସମ୍ପୃକ୍ତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଅତ୍ୟନ୍ତ ଲାଭଦାୟକ। ଏଠାରେ ନିର୍ମିତ ଷ୍ଟୋରରୁମ୍‌ରେ ଯେକୌଣସି ଜିନିଷ ରଖୀହେବ। ଘରର ବାୟବ୍ୟ କୋଣରେ ନିର୍ମିତ ଷ୍ଟୋରରୁମ୍ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସହଯୋଗ ଦେଇଥାଏ।



# ଚାକିରି ମିଳିବା ପରେ

ଆଜିକାଲି ଚାକିରି ମିଳିବା କଷ୍ଟକର ହୋଇପଡ଼ିଲାଣି। ତେଣୁ ଯଦି ବେସରକାରୀ ଚାକିରିଟିଏ ବି ମିଳିଯାଏ, ତେବେ ବହୁତ ଖୁସି ଲାଗେ। ଚାକିରି ମିଳିବା ପରେ ଏହାକୁ ବଜାୟ ରଖିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ଚାକିରିକୁ ସୁରକ୍ଷିତ ରଖିବା ପାଇଁ କ'ଣ କରିବା ଆବଶ୍ୟକ।

- କର୍ମକ୍ଷେତ୍ରରେ ସମୟ ଜ୍ଞାନ ରହିବା ନିହାତି ଆବଶ୍ୟକ। ଅଫିସରେ ଠିକ ସର୍ମୟରେ ପହଞ୍ଚନ୍ତୁ। ବିଳମ୍ବରେ ପହଞ୍ଚିବା ଯୋଗୁଁ ବସ କର୍ମଚାରୀଙ୍କ ଉପରେ ବିରକ୍ତ ହୋଇପାରନ୍ତି। ଯାହା ଆପଣଙ୍କ କାର୍ଯ୍ୟ ଦକ୍ଷତାରେ କୁପ୍ରଭାବ ପକାଇପାରେ।

- ଅଫିସରେ ଦିଆଯାଇଥିବା କାମଗୁଡ଼ିକୁ ନିର୍ଭୁଲ ଭାବରେ କରିବାକୁ ଚେଷ୍ଟା କରନ୍ତୁ। ଏପରି କରିବା ଦ୍ୱାରା ବସ ଆପଣଙ୍କ ଉପରେ ଖୁସି ହେବେ। ଯଦି କାମଗୁଡ଼ିକୁ ସତର୍କତାର ସହିତ ନକରି ଭୁଲରେ କରିବେ, ତେବେ କମ୍ପାନୀର ବିଶ୍ୱାସ ତୁଟିଯିବ। ଫଳରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଆପଣଙ୍କୁ ଦିଆଯିବ ନାହିଁ।

- ଅଫିସରେ ସର୍ବଦା ଅନ୍ୟ ସହକର୍ମୀମାନଙ୍କ ସହ ଉତ୍ତମ ବ୍ୟବହାର କରନ୍ତୁ। ଏହାଦ୍ୱାରା ଅଫିସରେ ସମସ୍ତେ ଆପଣଙ୍କ ଉପରେ ଖୁସି ରହିବେ। ଉପରିସ୍ଥ କର୍ମଚାରୀ ଓ ବସ୍ ତୁମ ଉପରେ ବିଶ୍ୱାସ ରଖିବେ। ଏହାଦ୍ୱାରା କାର୍ଯ୍ୟ ଦକ୍ଷତାରେ ଉନ୍ନତି ଆସିବା ସମ୍ଭବ ହେବ।

- ଯଦି ଅଫିସରେ ଆପଣଙ୍କୁ ଆବଶ୍ୟକତା ଠାରୁ ଅଧିକ କାମ ଦିଆଯାଇଥାଏ, ତାହେଲେ ନକାରାତ୍ମକ ଚିନ୍ତା କରନ୍ତୁ ନାହିଁ। ଅଫିସରେ ଯେତେ ଅଧିକ କାମ କରିବେ, ଏହା ଆଗକୁ ବଢ଼ିବାରେ ସହାୟକ ହେବ। ଏହାଦ୍ୱାରା



ଭବିଷ୍ୟତରେ ଭଲ ସୁଯୋଗର ସମ୍ଭାବନା ବଢ଼ିଥାଏ।

- ଯଦି ଅଫିସରେ ଅଧିକ କାମର ଚାପ ଥାଏ, ତେବେ ସେହି ସମୟରେ ଆମେ ଅନେକ ଜରୁରି କଥା ଭୁଲିଯାଇଥାଉ। ଏଥିପାଇଁ ନିଜ ପାଖରେ ଏକ ଡାଏରୀ ରଖନ୍ତୁ। ଯଦି ଏମିତି କିଛି ଜରୁରୀ କାମ ଥାଏ, ତେବେ ଡାଏରୀରେ ଲେଖିରଖନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତର ଶକ୍ତି ସୁରକ୍ଷା ଓ ଜଳ ସୁରକ୍ଷା ସମସ୍ୟା

ଭାରତର ଶକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନର ସମୟ ଚାଲିଛି, ଯେଉଁଠାରେ ଦେଶର ଅର୍ଥନୀତିକୁ ଗତି ଦେବା ପାଇଁ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ, ଆଗାମୀ ବର୍ଷଗୁଡ଼ିକରେ ପ୍ରାୟ ୮୦ ବିଲିୟନ ଡଲାର (ପ୍ରାୟ ୬.୬୪ ଲକ୍ଷ କୋଟି ଟଙ୍କା) ର ନୂତନ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରିବାକୁ ଭାରତ ଯୋଜନା କରୁଛି। ଏହା ଦେଶର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି। କିନ୍ତୁ ଏହି ବିରାଟ ଯୋଜନା ଏକ ଅଦୃଶ୍ୟ ସଙ୍କଟର ସମ୍ମୁଖୀନ ହେଉଛି, ଯାହା ହେଉଛି ଜଳର ଅଭାବ। ଏହି ପରିସ୍ଥିତି ଭାରତ ପାଇଁ ଏକ ଅଦ୍ଭୁତ **"Catch-22"** ପରିସ୍ଥିତି ସୃଷ୍ଟି କରିଛି। ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ୧୭% ରୁ ୧୮% ଭାରତରେ ବାସ କରୁଥିବାବେଳେ, ଏହା ନିକଟରେ ବିଶ୍ୱର ମୋଟ ଜଳ ସମ୍ବଳର ମାତ୍ର ୪% ରହିଛି। ଏହି ବିରାଟ ଅସନ୍ତୁଳନ ଦେଶର ଜଳ ସୁରକ୍ଷା ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ପ୍ରତି ବ୍ୟକ୍ତି ପିଛା ଜଳ ଉପଲବ୍ଧତା ଦୃଷ୍ଟିରୁ ଭାରତ ବିଶ୍ୱର ସବୁଠାରୁ ଜଳ-ସଙ୍କଟଗ୍ରସ୍ତ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ। ୨୦୦୧ରେ ଭାରତରେ ପ୍ରତି ବ୍ୟକ୍ତି ପିଛା ବାର୍ଷିକ ଜଳ ଉପଲବ୍ଧତା ୧୮୧୬ ଘନ ମିଟର ଥିବାବେଳେ, ୨୦୧୧ ସୁଦ୍ଧା ଏହା ୧୫୪୫ ଘନ ମିଟରକୁ ହ୍ରାସ ପାଇଛି। ୨୦୨୧ ସୁଦ୍ଧା ଏହା ପ୍ରାୟ ୧୪୮୬ ଘନ ମିଟରକୁ ଖସିଆସିଛି। ବିଭିନ୍ନ ଅଧ୍ୟୟନ ଅନୁଯାୟୀ, ୨୦୩୧ ସୁଦ୍ଧା ଏହା ୧୩୬୭ ଘନ ମିଟର ଏବଂ ୨୦୫୦ ସୁଦ୍ଧା ୧୧୯୧ ଘନ ମିଟରକୁ ଖସିଯିବାର ଆଶଙ୍କା ରହିଛି। ୧୭୦୦ ଘନ ମିଟରରୁ କମ୍ ବାର୍ଷିକ ପ୍ରତି ବ୍ୟକ୍ତି ଜଳ ଉପଲବ୍ଧତାକୁ ଜଳ-ଚାପଗ୍ରସ୍ତ **(water-stressed)** ପରିସ୍ଥିତି ଭାବରେ ବିବେଚନା କରାଯାଏ, ଏବଂ ୧୦୦୦ ଘନ ମିଟରରୁ କମ୍ ହେଲେ ଏହା ଜଳ ଅଭାବ **(water-scarce)** ପରିସ୍ଥିତିକୁ ସୂଚାଏ। ଭାରତ ଏବେ ଜଳ-ଚାପଗ୍ରସ୍ତ ଶ୍ରେଣୀରେ ଥିବାବେଳେ, ଭବିଷ୍ୟତରେ ଜଳ ଅଭାବର ସୀମା ନିକଟତର ହେବାର ସମ୍ଭାବନା ରହିଛି।

ଅନେକ ନୂତନ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ଏପରି ଅଞ୍ଚଳରେ ସ୍ଥାପିତ ହେବାକୁ ଯାଉଛି, ଯେଉଁଠାରେ ଜଳ ସଙ୍କଟ ପୂର୍ବରୁ ହିଁ ଅତ୍ୟନ୍ତ ଗମ୍ଭୀର ରହିଛି। ଏହି ପରିସ୍ଥିତି ଭାରତର ଶକ୍ତି ସୁରକ୍ଷା ଏବଂ ଜଳ ସୁରକ୍ଷା ମଧ୍ୟରେ ଏକ ଜଟିଳ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରଚୁର ପରିମାଣରେ ଜଳ ଆବଶ୍ୟକ କରନ୍ତି, ବିଶେଷ କରି ଶୀତଳୀକରଣ ପ୍ରକ୍ରିୟା ପାଇଁ। ଗତ କିଛି ବର୍ଷ ମଧ୍ୟରେ, ଜଳ ଅଭାବ ଯୋଗୁଁ ଭାରତରେ ୬୦.୩୩ ବିଲିୟନ ୟୁନିଟ୍ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ହରାଇଛି, ଯାହା ପ୍ରାୟ ୧୯ ଦିନର କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ସହିତ ସମାନ। ଯେତେବେଳେ ନୂତନ ପ୍ରକଳ୍ପଗୁଡ଼ିକ ଜଳ-ସଙ୍କଟଗ୍ରସ୍ତ ଅଞ୍ଚଳରେ ସ୍ଥାପିତ ହୁଏ, ସେତେବେଳେ ସେମାନେ ସ୍ଥାନୀୟ କୃଷି ଏବଂ ପାନୀୟ ଜଳ ଆବଶ୍ୟକତା ସହିତ ପ୍ରତିଯୋଗିତା କରନ୍ତି, ଯାହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରେ। ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାର ଉଦାହରଣ ଏହାର ଏକ ଜ୍ୱଳନ୍ତ ପ୍ରମାଣ, ଯେଉଁଠାରେ ୨୦୧୭ରେ ଏକ କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଜଳ ସଙ୍କଟ ଆହୁରି ବଢ଼ିଯାଇଛି।

ଏହି ପରିସ୍ଥିତି ଭାରତର ବିକାଶ ମଡେଲ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରୁଛି। ଗୋଟିଏ ପଟେ, ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଧିକ ଶକ୍ତିର ଆବଶ୍ୟକତା ରହିଛି। ଅନ୍ୟ ପଟେ, ଜଳ ଏକ ସୀମିତ ସମ୍ବଳ ଏବଂ ଏହାର ଅବିବେକୀ ବ୍ୟବହାର ଦୀର୍ଘକାଳୀନ ସମସ୍ୟା ସୃଷ୍ଟି କରିପାରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳ ସଙ୍କଟ ଆହୁରି ତୀବ୍ର ହେବାର ସମ୍ଭାବନା ଥିବାବେଳେ, କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଦେଶକୁ ଏକ ଅସୁରକ୍ଷିତ ଭବିଷ୍ୟତ ଆଡ଼କୁ ଠେଲି ଦେଇପାରେ। ଏହି ସମସ୍ୟାର ସମାଧାନ ପାଇଁ କେବଳ ନୂତନ କୋଇଲା ପ୍ରକଳ୍ପଗୁଡ଼ିକର ସ୍ଥାନ ନିର୍ଦ୍ଧାରଣରେ ପରିବର୍ତ୍ତନ ଆଣିବା ଯଥେଷ୍ଟ ନୁହେଁ, ବରଂ ଏକ ବ୍ୟାପକ ରଣନୀତିର ଆବଶ୍ୟକତା ରହିଛି।

କୋଇଲା ଶକ୍ତି ଭାରତର ଭବିଷ୍ୟତ ହେବା ଉଚିତ୍ ନୁହେଁ, ଏହାର ଅନେକ କାରଣ ରହିଛି। ପ୍ରଥମତଃ, କୋଇଲା ଜାଳିବା ଦ୍ୱାରା ବାୟୁମଣ୍ଡଳରେ ପ୍ରଚୁର ପରିମାଣରେ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ୍) ନିର୍ଗତ ହୁଏ, ଯାହା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ଏହା ବ୍ୟତୀତ, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୂକ୍ଷ୍ମ କଣିକା ପରି ବିଷାକ୍ତ ପ୍ରଦୂଷକ ବାୟୁରେ ମିଶିଥାଏ, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହାନିକାରକ। ଏହି ପ୍ରଦୂଷଣ ଶ୍ୱାସକ୍ରିୟା ଜନିତ ରୋଗ, ହୃଦରୋଗ ଏବଂ ଅନ୍ୟାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ, ଯାହା ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ପକାଏ। ଦ୍ୱିତୀୟତଃ, କୋଇଲା ଏକ ସୀମିତ ସମ୍ବଳ। ଏହାର ଉତ୍ତୋଳନ ପାଇଁ ବ୍ୟାପକ ଖଣି କାର୍ଯ୍ୟକଳାପ ଆବଶ୍ୟକ, ଯାହା ଜଙ୍ଗଲ ନଷ୍ଟ, ଭୂମି ଅବକ୍ଷୟ ଏବଂ ଜଳ ପ୍ରଦୂଷଣ ପରି ପରିବେଶଗତ କ୍ଷତି ଘଟାଏ। ଏହି ପ୍ରକ୍ରିୟା ସ୍ଥାନୀୟ ଜନସାଧାରଣଙ୍କୁ ବିସ୍ଥାପିତ କରିବା ସହିତ ସେମାନଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଏ। ତୃତୀୟତଃ, ବିଶ୍ୱ ସ୍ତରରେ ଅକ୍ଷୟ ଶକ୍ତିର ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଉଛି। ସୌର ଶକ୍ତି ଏବଂ ପବନ ଶକ୍ତି ବର୍ତ୍ତମାନ କୋଇଲା ଭିତ୍ତିକ ବିଦ୍ୟୁତ୍ ଠାରୁ ଅଧିକ ପ୍ରତିଯୋଗିତାମୂଳକ ହୋଇପାରିଛି। ଏହି ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକ ପରିବେଶ ଅନୁକୂଳ ହେବା ସହିତ ଦୀର୍ଘକାଳୀନ ସ୍ଥାୟୀ ଏବଂ ଜଳ ଉପରେ କମ୍ ନିର୍ଭରଶୀଳ। ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଭାରତକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିବ। ଚତୁର୍ଥତଃ, ଭାରତ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରତିବଦ୍ଧତା କରିଛି, ଯେପରିକି ପ୍ୟାରିସ୍ ଚୁକ୍ତି ଏବଂ ନେଟ୍-ଜିରୋ ନିର୍ଗମନ ଲକ୍ଷ୍ୟ। କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ବୃଦ୍ଧି ଏହି ପ୍ରତିବଦ୍ଧତାଗୁଡ଼ିକର ବିରୁଦ୍ଧାଚରଣ କରେ ଏବଂ ଭାରତର ଅନ୍ତର୍ଜାତୀୟ ପ୍ରତିଛବିକୁ କ୍ଷତି ପହଞ୍ଚାଇପାରେ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମଗ୍ର ବିଶ୍ୱରେ ଅନୁଭୂତ ହେଉଥିଲେ ମଧ୍ୟ, ଏହାର କୁପ୍ରଭାବ କିଛି ଦେଶ ଉପରେ ଅଧିକ ପଡ଼ିଥାଏ, ଏବଂ ଭାରତ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଭାରତର ଭୌଗୋଳିକ ଅବସ୍ଥିତି, ବିଶାଳ ଜନସଂଖ୍ୟା ଏବଂ କୃଷି ଉପରେ ଅତ୍ୟଧିକ ନିର୍ଭରଶୀଳତା ଏହାକୁ ଜଳବାୟୁ ପରିବର୍ତ୍ତନ ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ। ଉଦାହରଣ ସ୍ୱରୂପ, ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଘୂର୍ଣ୍ଣିଝଡ଼ର ବାରମ୍ବାରତା ବୃଦ୍ଧି ଯୋଗୁଁ ବିପଦରେ ଥିବାବେଳେ, ଉତ୍ତର ଭାରତର ଗଙ୍ଗା ସମତଳ ଅଞ୍ଚଳ ଏବଂ ହିମାଳୟ ଅଞ୍ଚଳ ଅତ୍ୟଧିକ ବର୍ଷା, ବନ୍ୟା ଏବଂ ଭୂସ୍ଖଳନର ସମ୍ମୁଖୀନ ହେଉଛନ୍ତି। ରାଜସ୍ଥାନ ଏବଂ ଗୁଜୁରାଟ ପରି ଶୁଷ୍କ ଅଞ୍ଚଳରେ ମରୁଡ଼ି ଏବଂ ଜଳ ସଙ୍କଟ ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି। ଭାରତରେ ବାରମ୍ବାର ଅନୁଭୂତ ହେଉଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଅନିୟମିତ ମୌସୁମୀ ଏବଂ ଅତ୍ୟଧିକ ବର୍ଷା ଜନିତ ବନ୍ୟା ପରି ଘଟଣାଗୁଡ଼ିକ ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ପ୍ରମାଣ। ଏହି ଘଟଣାଗୁଡ଼ିକ କୃଷି ଉତ୍ପାଦନକୁ ବାଧା ଦେଇ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି, ଜୀବିକା ନଷ୍ଟ କରୁଛି ଏବଂ ସ୍ୱାସ୍ଥ୍ୟ ସମସ୍ୟା ବଢ଼ାଉଛି। ଏହି କାରଣରୁ, ଭାରତ ପାଇଁ ଜଳବାୟୁ ପରିବର୍ତ୍ତନକୁ ଅନ୍ୟ ଦେଶମାନଙ୍କ ତୁଳନାରେ ଅଧିକ ସକ୍ରିୟ ଭାବରେ ଚିନ୍ତା କରିବା ଏବଂ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ। ଏହା କେବଳ ପରିବେଶ ସୁରକ୍ଷା ପାଇଁ ନୁହେଁ, ବରଂ ଦେଶର ଅର୍ଥନୈତିକ ସ୍ଥିରତା, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଅପରିହାର୍ଯ୍ୟ। ଏହି ସଙ୍କଟରୁ ବାହାରିବା ପାଇଁ ଭାରତକୁ ନିଜର ଶକ୍ତି ନୀତିରେ ଏକ ସନ୍ତୁଳିତ ଦୃଷ୍ଟିକୋଣ ଆପଣାଇବାକୁ ପଡ଼ିବ। ଅକ୍ଷୟ ଶକ୍ତି ଉତ୍ସ, ଯେପରିକି ସୌର ଏବଂ ପବନ ଶକ୍ତି, ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ଜଳ-ଦକ୍ଷ ବିଦ୍ୟୁତ୍ ଉତ୍ପାଦନ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ପୁରୁଣା କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ଆଧୁନିକୀକରଣ ଏବଂ ଜଳ ବ୍ୟବହାରକୁ କମ୍ କରିବା ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଆପଣାଇବା ମଧ୍ୟ ସହାୟକ ହେବ। ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସହଯୋଗ ଏହି ସମସ୍ୟାର ସମାଧାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଳ ସମ୍ବଳର ସୁପରିଚାଳନା ଏବଂ ସ୍ଥାନୀୟ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଶକ୍ତି ପ୍ରକଳ୍ପଗୁଡ଼ିକର ଯୋଜନା କରିବା ଭବିଷ୍ୟତ ପାଇଁ ଏକ ସ୍ଥାୟୀ ମାର୍ଗ ପ୍ରସ୍ତୁତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ତୁରନ୍ତ ଧ୍ୟାନ ଦେବା ଏବଂ ଦୀର୍ଘକାଳୀନ ସମାଧାନ ପାଇଁ କାର୍ଯ୍ୟ କରିବା ଭାରତର ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ।

# ସାହିତ୍ୟ ଏକାଡେମୀର ଏକ ଅସାମାନ୍ୟ ସମ୍ମାନ




ପ୍ରଫେସର ମଣୀନ୍ଦ୍ର କୁମାର ମେହେର


ଜଣେ ଲେଖକର ଖଣ୍ଡିଏ ବହି ମଧ ପ୍ରକାଶିତ ନ ହୋଇ ତାଙ୍କୁ ପ୍ରଦତ୍ତ ହୋଇପାରେ ଓଡିଶା ସାହିତ୍ୟ ଏକାଡେମୀର ବୟୋଜ୍ୟେଷ୍ଠ ସାହିତ୍ୟିକ ସମ୍ମାନ ? ? ଏହା କଣ ସମ୍ପ୍ରତି କେହି କଳ୍ପନା ସୁଦ୍ଧା କରିପାରିବେ ? ଘଟଣାଟିକୁ ପ୍ରଘଟ କରିଦେବା ପଶ୍ଚାତରେ ବିଦ୍ୟମାନ ଯେଉଁ ମହତ୍ତର ସନ୍ଦେଶ, ତାହା ହିଁ ପ୍ରେରଣାର ଏକ ଅର୍ନ୍ନିଣ ଦୀପଶିଖା।

୧୯୭୨ ମସିହା। ଶ୍ରୀମତୀ ନନ୍ଦିନୀ ଶତପଥୀ ଥାଆନ୍ତି ଓଡିଶାର ମୁଖ୍ୟମନ୍ତ୍ରୀ ତଥା ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଆଉ ସମ୍ପାଦକ ରହିଥାନ୍ତି କବି ବିନୋଦ ଚନ୍ଦ୍ର ନାଏକ। ପରିଣତ ବୟସରେ ଉପନୀତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସୁପୁତ୍ର ଭଗବାନ ମେହେରଙ୍କୁ ଅର୍ପିତ ହେଲା ସାହିତ୍ୟ ଏକାଡେମୀ ସମ୍ମାନ। ଆଜି ବି ହୁଏତ କେହି ଜାଣି ନଥିବେ ଯେ, ସେତେବେଳେ ତାଙ୍କର ଖଣ୍ଡିଏ ବହି ମଧ ପ୍ରକାଶିତ ହୋଇ ନଥାଏ।

ଥରେ ଖରା ଛୁଟିରେ ଘରର ଏକ ବିରାଟ କାଠବକ୍ସରେ ସଂରକ୍ଷିତ ଚିଠି ପତ୍ର ମଧ୍ୟରୁ ପାଇଲି ଖଣ୍ଡେ ଚିଠି। ପିତାମହ ଭଗବାନ ମେହେରଙ୍କୁ ଲେଖିଛନ୍ତି -ଡକ୍ଟର ଅସିତ କବି। ପୁରୁଣା ସମ୍ବଲପୁର ହିତୈଷିଣୀ, ଆଶା ପ୍ରଭୃତି ପତ୍ରପତ୍ରିକାରୁ ଆପଣଙ୍କ କବିତା ପଢ଼ିବାର ସୁଯୋଗ ପାଇଲି। ଏସବୁ ପୁସ୍ତକ ଆକାରରେ ପ୍ରକାଶିତ ହେଲେ ଓଡ଼ିଆ ସାହିତ୍ୟ ଜଗତ ହେବ ସମୃଦ୍ଧ।

ଡକ୍ଟର କବିଙ୍କ ଅନୁରୋଧ ପରେ ମଧ ପିତାମହ ଯେ ଥିଲେ ସେ ବିଷୟରେ ନୀରବ, ଏହା ଜାଣିଥିଲି। କାରଣ ସେ ଦେହତ୍ୟାଗ କରିବାର କେତେବର୍ଷ ପରେ ବି ତାହା ପ୍ରକାଶିତ ହୋଇ ନଥାଏ।

କିଛିଦିନ ପରେ ପାଇଲି ଆଉ ଖଣ୍ଡେ ଚିଠି। ତାହା କଥାଶିଳ୍ପୀ ରାମପ୍ରସାଦ ସିଂହ ଏକାଡେମୀ ସଚିବଙ୍କୁ ଲେଖିଥିବା ଚିଠିର କପି। ସେଥିରେ ଲେଖାଯାଇଛି -ଭଗବାନ ବାବୁ ଅତ୍ୟନ୍ତ ବିନୀତ ବ୍ୟକ୍ତିତ୍ୱ ସମ୍ପନ୍ନ। ଆପଣ ତାଙ୍କଠାରୁ ଚାହିଁଥିବା ସଂକ୍ଷିପ୍ତ ପରିଚୟ ସେ ଦେବା ସମ୍ଭବ ନୁହେଁ। ତାହା ପ୍ରସ୍ତୁତ କରାଇ ତାଙ୍କ ସୁପୁତ୍ର ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ଦ୍ୱାରା ପଠାଇଲି।

ଉଲ୍ଲେଖନୀୟ ଯେ ସେତେବେଳେ ରାମପ୍ରସାଦ ସିଂହ ରହୁଥାନ୍ତି ବରପାଲିରେ।

ଏକାଡେମୀର ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହେଲା। ଭଗବାନ ମେହେର ତାହା ଗ୍ରହଣ କରିବାକୁ ଭୁବନେଶ୍ୱର ଆସିଲେ ନାହିଁ। ରାଜଧାନୀରେ କର୍ମରତ ତାଙ୍କ ତୃତୀୟ ପୁତ୍ର ଶ୍ରୀଯୁକ୍ତ ବିନୋଦ ଚନ୍ଦ୍ର ମେହେର ତାହା ଗ୍ରହଣ କଲେ ପିତାଙ୍କ ତରଫରୁ।

୧୯୭୭ ମସିହାରେ ଭଗବାନ ମେହେରଙ୍କ ଦେହାବସାନ ହୁଏ। ୧୯୮୧ ମସିହାରେ ତାଙ୍କର ଜୟନ୍ତୀ ସଭା ନିରାଡ଼ମ୍ବର ପରିବେଶରେ ଅନୁଷ୍ଠିତ ହେଉଥାଏ ଗଙ୍ଗାଧର ସ୍ମୃତି ଭବନରେ। ସଭାପତିତ୍ୱ କରୁଥାନ୍ତି ପ୍ରାୟ ୮୦ବର୍ଷରେ ପାଦ ଦେଇ ସାରିଥିବା ରାମପ୍ରସାଦ ସିଂହ। ତାଙ୍କ ବକ୍ତବ୍ୟ ମଧ୍ୟରେ ସେ ପ୍ରକାଶ କଲେ -ଭଗବାନ ବାବୁଙ୍କ ସହିତ ପ୍ରତିଦିନ ବାର୍ତ୍ତାଳାପ ହୋଇଛି ଆଠ ଦଶ ଘଣ୍ଟା। ସେ ଅତି ମନ୍ଥର ଭାବରେ ବ୍ୟକ୍ତ କରନ୍ତି ମର୍ମକଥା। ତାଭିତରେ ପୁଣି ନିରବତାରେ ବିତିଯାଏ ଅନେକ ବେଳ। କିନ୍ତୁ ତାଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ମୁଁ ଆଦୌ ପାଟି ଫିଟାଏ ନାହିଁ। ମୁଁ ଯେତେବେଳେ କହିବାକୁ ଆରମ୍ଭ କରେ ସେ ଧ୍ୟାନସ୍ଥ ହୋଇ ଶୁଣୁଥାନ୍ତି। ବର୍ଷ ବର୍ଷର ଏତେ ଭାବ ଆଦାନ ପ୍ରଦାନ ମଧ୍ୟରେ ସେ କଣ ଲେଖାଲେଖି କରିଛନ୍ତି ସେ ବିଷୟରେ ସାମାନ୍ୟ ସଂକେତ ବି ଦେଇ ନାହାନ୍ତି। ମୁଁ ବି କେବେ ଏହା ପଚାରି ନାହିଁ। ଯିଏ ସ୍ୱୟଂ ସାହିତ୍ୟର ଅବତାର ତାଙ୍କୁ କିପରି ପଚାରିଥାନ୍ତି -ଆପଣ କଣ ଲେଖୁଛନ୍ତି ବୋଲି ?

ଭଗବାନ ମେହେରଙ୍କ ଖଣ୍ଡେ ବହି ମଧ ପ୍ରକାଶିତ ନ ହୋଇ ତାଙ୍କୁ ଏକାଡେମୀ ସମ୍ମାନ ପ୍ରଦାନ କରିବା ପାଇଁ କିଏ ପ୍ରସ୍ତାବ ଦେଇଥାଇ ପାରନ୍ତି ? ଏ ପ୍ରଶ୍ନ ଦିନେ ପଚାରିଥିଲି ବାପାଙ୍କୁ। ବାପାଙ୍କ ଉତ୍ତର ଥିଲା : ସମ୍ଭବତଃ କୁଞ୍ଜବିହାରୀ ତ୍ରିପାଠୀ। କବିପୁତ୍ରଙ୍କ ମହାପ୍ରୟାଣ ପରେ ପ୍ରକାଶିତ ହେଲା ତାଙ୍କ ରଚିତ ପିତୃପ୍ରସଙ୍ଗ। ଏହାପରେ ୧୯୯୧ରେ ପ୍ରକାଶିତ ହେଲା ସମସ୍ତ କବିତାର ସଂକଳନ ଚୟନିକା। ବର୍ଷକ ତଳେ ଜଣେ ବିଶିଷ୍ଟ ଅଧ୍ୟାପକ ପ୍ରଶ୍ନ କଲେ ମୋତେ -ସାର ଆପଣ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲେଣି ତ ?

ମୁଁ ମୁଣ୍ଡ ତଳକୁ କଲି।

ପିତାମହ କବିପୁତ୍ର ଭଗବାନ ମେହେରଙ୍କ ପବିତ୍ର ପଦଯୁଗଳରେ ମଥା ଥୋଇ ଦେଇ କଲି ଭୂମିଷ୍ଠ ପ୍ରଣାମ।




# ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ...




ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ଉଦାର ଚିତ୍ତ ବ୍ୟକ୍ତି ନିମିତ୍ତ ଏ ସମ୍ପୂର୍ଣ୍ଣ ପୃଥିବୀ ଗୋଟିଏ କୁଟୁମ୍ବ ସଦୃଶ। ଉଦାର ବ୍ୟକ୍ତି ମୋର, ତୋର ବୋଲି କହି ନଥାନ୍ତି । ତାଙ୍କର ଜୀବନ ପର ସେବାରେ ନିୟୋଜିତ ରହେ । ଯେପରି ବୃକ୍ଷରେ ଫଳ ଆସିଲେ ନଇଁ ପଡ଼େ ତାହା ଅନ୍ୟର ସ୍ୱାର୍ଥରେ ଲାଗିଥାଏ, ଉଦାରବ୍ୟକ୍ତି କେବଳ ଅନ୍ୟର କଲ୍ୟାଣ ନିମିତ୍ତ ଚେଷ୍ଟାକରନ୍ତି । ସାଧୁ ମହାମାନବ ଏବଂ ସଜ୍ଜନ ଗଣ ବୃକ୍ଷ ସଦୃଶ । ବୃକ୍ଷ ନିଜେ ବହୁ କଷ୍ଟ ସ୍ୱୀକାରକରି ଫଳ ଧରେ ସେହି ଫଳକୁ ନିଜେ ଖାଏନା, ଅନ୍ୟକୁ ଦିଏ । ସେମିତି ଉଦାର ବ୍ୟକ୍ତିମାନେ ନିଜେ କଷ୍ଟ ସହି ଅନ୍ୟର ଉପକାର କରିଥାନ୍ତି । ଯେପରି ଫଳିଥିବା ବୃକ୍ଷକୁ ପଥର ଫିଙ୍ଗିଲେ ସେ ପଥର ମାଡ ସହି ମଧ ଫଳଦାନ କରିଥାଏ, ହିଂସାର ଉତ୍ତର ହିଂସା ନୁହେଁ କ୍ଷମା । ପରାର୍ଥେ ପ୍ରାଜ୍ଞ ପ୍ରାଣ ଉତ୍ସୃଜେତ୍। କ୍ଷମା ହେଉଛି ମହତ୍ ଲୋକର ଲକ୍ଷଣ। କ୍ଷମା ଅର୍ଥ ଦୁର୍ବଳତା ବା ଭୀରୁତା ନୁହେଁ, କ୍ଷମାର ଅର୍ଥ ଉଦାରତା ଏବଂ ସହିଷ୍ଣୁତା। ଉଦାର ମନୁଷ୍ୟ ନିମିତ୍ତ ଧନ, ବୀର ପୁରୁଷଙ୍କ ନିମିତ୍ତ ମୃତ୍ୟୁ, ବିରକ୍ତଙ୍କ ନିମିତ୍ତ ସ୍ତ୍ରୀ ଓ ନିଷ୍ପୃହଙ୍କ ନିମିତ୍ତ ସଂସାର ତୃଣ ସମାନ ବୋଧ ହୁଏ । ଅର୍ଥାତ୍ ଅତି ତୁଚ୍ଛ ଅଟେ । ଉଦାର ବ୍ୟକ୍ତି ପରର ନିନ୍ଦାକୁ ମୂକ, ପରଦୋଷ ଦେଖିବାରେ ଅନ୍ଧ, ଚୁଗୁଲି କରିବାରେ ବଧିର ଭଳି ହୋଇଥାଆନ୍ତି । ଚନ୍ଦନ ବୃକ୍ଷକୁ କୁରାଢ଼ିରେ କାଟିଲେ ଯେପିର କାଟିବା ଯନ୍ତ୍ରକୁ ସେ ବାସ ବିତରଣ କରେ ବରଂ ବାରଣ କରେ ନାହିଁ ଯେ ମୋତେ କାଟିଛି ଯାକୁ ବାସ୍ନା ଦେବି ନାହିଁ, ସେହିପରି ଉଦାର ବ୍ୟକ୍ତିର ଅହିତ କରୁଥିବା ଲୋକକୁ କ୍ଷମାପ୍ରଦାନ କରନ୍ତି ଏବଂ ଭଲ ପାଇଥାଆନ୍ତି । ଯେପରି ଦାନବୀର କର୍ଣ୍ଣ ଜାଣିଥିଲେ କୁଣ୍ଡଳଟି ଚାଲିଗଲେ ମୃତ୍ୟୁ ସୁନିଶ୍ଚିତ ତଥାପି ନିଜର କୁଣ୍ଡଳକୁ, ଦାନ କରିଛନ୍ତି । ସେହିପରି ଶିବିରାଜା ଗୋଟିଏ ପକ୍ଷୀକୁ ବଞ୍ଚାଇବାକୁ ଯାଇ ନିଜର ମାଂସକୁ ମଧ ପ୍ରଦାନ କରିଥିଲେ । ଦେବତାମାନଙ୍କ ଦୁର୍ଦ୍ଦଶାକୁ ଦୂର କରିବାକୁ ଦଧିଚୀ ଋଷି ନିଜର ଶରୀରକୁ ତିଳ ତିଳ କରି କ୍ଷୟ କରିଥିଲେ ଏବଂ ନିଜର ଅସ୍ଥିକୁ ସମଗ୍ର ଜଗତ ପାଇଁ ଦାନ କରିଥିଲେ । ଯେଉଁ ଅସ୍ଥିରୁ ଜୀମୂତ ବାହନ ଇନ୍ଦ୍ରଙ୍କ ବଜ୍ରନିର୍ମିତ ହୋଇଥିଲା। ସାରା ସଂସାରରେ ମହାତ୍ମାଙ୍କ ନିକଟରେ କିଛି ଅଦେୟ ନଥାଏ । ଲୋଭୀ ଲୋକ ଧନଲୋଭରେ ପଡ଼ି ସମସ୍ତ ଧନ ସମ୍ପତ୍ତିକୁ ମାଟିରେ ପୋତି ଦେଇଥାଏ । ସେହି ଧନ ତା ନିଜ କାର୍ଯ୍ୟରେ ଲାଗେ ନାହିଁ କିମ୍ବା ଅନ୍ୟର ଉପକାରରେ ମଧ ଲାଗେନାହିଁ । କିନ୍ତୁ ଯିଏ ଦାତା, ଜୀବନରେ ଅନ୍ୟର ଉପକାର କରି ନିଃସ୍ୱ ହୋଇଯାଇଥାଏ । ତଥାପି ତା'ର ମନ ଅତି ଆନନ୍ଦିତ । କାରଣ ତାର ଧନ ଅନ୍ୟର ଉପକାରରେ ଲାଗିଲା। ସେ ଭାବେ ଦାତା ଏକ ରାମ ଔର ଭିକାରୀ ସାରେ ଦୁନିଆଁ । ସବକୋ ଦେତା ହୈ ଏକହି ଦାତା । ତେଣୁ ସେ ତା'ର ଧନକୁ ଦାନକରି ଆନନ୍ଦ ପାଇଥାଏ। ଆଜି ମନୁଷ୍ୟ ମଧ୍ୟରେ ସ୍ୱାର୍ଥପର ଶୈତାନ୍ ବସିଥିବାରୁ ସେ ହିଂସା, ଈର୍ଷା ଏବଂ ଅନ୍ୟର କ୍ଷତିକରିବାକୁ ପଶ୍ଚାତ୍‌ପଦ ହେଉନାହିଁ । ତା'ର ଯେତିକି ଆବଶ୍ୟକ ତା'ଠାରୁ ବହୁଗୁଣ ଅଧିକ ସମ୍ପତ୍ତି ଠୁଳ କରୁଛି । ପାପ ଅର୍ଜିତ ସେହି ସମ୍ପତ୍ତିକୁ ସୁରକ୍ଷା କରିବାକୁ ଯାଇ ସରକାର ହାତରେ ଧରାପଡୁଛି । କେତେ ନିନ୍ଦା, କେତେ କଳଙ୍କର ଟୀକା ତାକୁ ବହନ କରିବାକୁ ପଡୁଛି । ମଣିଷ ଭାବେ ସମ୍ପତ୍ତି ନେଇ ସେ ସୁଖି ହେବ କିନ୍ତୁ ଯେଉଁ ସମ୍ପତ୍ତିକୁ ସେ ସୁଖର କାରଣ ଭାବେ ତାହା ଦିନେ ଦୁଃଖର କାରଣ ହୋଇ ଠିଆହୁଏ। ସମ୍ପତ୍ତିକୁ ଠୁଳକରିଥିବା ମଣିଷଟି ନା ଶାନ୍ତିରେ ଶୋଇପାରେ ନା ଶାନ୍ତିରେ ଭୋଜନ କରିପାରେ । ମନଟି ତାର ସର୍ବଦା ଥାଏ ସମ୍ପତି ପାଖରେ । ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ମନ ଈଶ୍ୱର ବା ସତ୍ ଚିନ୍ତନରୁ ଓହରିଯାଇ ବିଷୟରେ ଲାଗିଯାଏ ସେତେବେଳେ ଯାବତୀୟ ଅଶାନ୍ତି ଆସିଥାଏ । ମଣିଷର ଲୋଭ ପ୍ରବୃତ୍ତି ହିଁ ତା'ଅଶାନ୍ତିର ମୂଳକାରଣ ହୋଇଥାଏ । ଗୋଟାଏ ବଖରା ଘରକୁ ମଣିଷର ଆୟୁଷ ନାହିଁ ତଥାପି ସେ ଅନେକ ଘରତୋଳୁଛି । ସେତିକିରେ ଶାନ୍ତି ନରହି ଅଶାନ୍ତ ହୋଇ ଉଠୁଛି ଆହୁରି କିଛି ଜମି, ଜାଗା କିଣିବା ପାଇଁ । ବାସ୍ତବରେ ମଣିଷ ଭିତରେ ଉଦାର ପଣିଆଟିକକ ଲୋପ ପାଇଗଲେ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ । ଜୀବନରେ ଯେତିକି ଆବଶ୍ୟକ ସେତିକିକୁ ନେଇ ଚଳିପାରିଲେ ଶାନ୍ତି ମିଳିବ । ଆମେ ଭାବନ୍ତି ବହୁ ସମ୍ପତ୍ତି ହେଲେ ଉପଭୋଗ କରିବାର ସୁବିଧା ମିଳିଯିବ । ଏହା କିନ୍ତୁ ପରମେଶ୍ୱର ସହନ୍ତିନାହିଁ । ଯେଉଁଲୋକ ଯେତିକି ସମ୍ପତ୍ତି ଠୁଳକରେ ସେ ସେତିକି ଦୁଃଖି ହୋଇଥାଏ । ଯେ ଯେତିକି ସ୍ୱାର୍ଥପର ହୋଇଥାଏ ସେ ସେତିକି ଯନ୍ତ୍ରଣା ଜର୍ଜରିତ ହୋଇଥାଏ । ସଂସାରରେ କାହାର ଦୁଃଖର କାରଣ ନହେଲେ କେହି ତୁମ ଦୁଃଖର କାରଣ ହେବନାହିଁ । ସେଥିପାଇଁ ଜିସସ୍ କହିଥିଲେ ସ୍ୱାର୍ଥପର ଶୈତାନ୍‌କୁ ତଡ଼୍, ପ୍ରେମମୟ ଭଗବାନଙ୍କୁ ହୃଦୟରେ ବସାଇବା ଉଚିତ । ସେହିପରି ଗୌରାଙ୍ଗ ଦେବ ନିଜେ ମାଡ଼ ଖାଇ ମଧ ଜଗାଇମାଧାଇଙ୍କୁ ପ୍ରେମମୟ ପ୍ରଭୁଙ୍କୁ ଦର୍ଶନ କରି ନିଜ ଜୀବନକୁ ପରାର୍ଥେ ଉତ୍ସର୍ଗୀକୃତ କରି ସମଗ୍ର ବଶ୍ୱ ବାସୀଙ୍କୁ ନିଜର କୁଟୁମ୍ବ ବୋଲି ଭାବିଥାଆନ୍ତି । ଆମେ ସେହି ଏକ ପରମପିତାଙ୍କର ସନ୍ତାନ ସନ୍ତତି ହୋଇ ଚଳିବା ଉଚିତ୍।


+ପ୍ରତିରଢ଼ିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭


## ଅନ୍ତର୍ଜାତୀୟ ମାନବ ଏକତା ଦିବସ (ଡିସେମ୍ବର ୨୦)

*ପ୍ରତିବର୍ଷ ଡିସେମ୍ବର ୨୦ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଅନ୍ତର୍ଜାତୀୟ ମାନବ ଏକତା ଦିବସ। ଏକତାକୁ ଏକ ମୌଳିକ ଓ ବିଶ୍ୱ ମୂଲ୍ୟବୋଧ ଭାବେ ୨୦୦୫ରେ ଜାତିସଂଘ ଘୋଷଣା କରିଥିଲା। ବିଶ୍ୱସ୍ତରୀୟ ବିଷୟ ଓ ସମସ୍ୟା ଗୁଡ଼ିକୁ ମିଳିତ ଭାବେ ସାମ୍ନା କରିବା କେତେ ଗୁରୁତ୍ୱପୂର୍ଣ୍ଣ, ଏହି ଦିବସ ତାହା ଆମକୁ ମନେପକାଇଦିଏ। ବିଶ୍ୱରେ ବିକାଶ ଲକ୍ଷ୍ୟ ପୂରଣରେ ଏକତା ହିଁ ଏକମାତ୍ର ରାସ୍ତା। ବିଶ୍ୱର ସମସ୍ତ ସମସ୍ୟା ସମାଧାନର ଏକମାତ୍ର ପନ୍ଥା ଏକତା ବୋଲି ଜାତିସଂଘର ସାଧାରଣ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବାସୀ ଗୋଟିଏ ପରିବାରର ସଦସ୍ୟ ଭାବେ କାର୍ଯ୍ୟ କରିବା ଉଚିତ, ଫଳରେ ବୃହତ୍ ଲକ୍ଷ୍ୟ ସାଧନ ସହଜ ହେବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ସହିତ ସମସ୍ତେ ଗୋଟିଏ ସମୁଦାୟର ବୋଲି ମନେକରିବା ଉଚିତ। ଦାରିଦ୍ର୍ୟ ଦୂରୀକରଣରେ ଏକତାର ମୂଲ୍ୟବୋଧ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ମଧ ଏହି ଦିବସର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ। ଏ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ମେଳନ ମାଧମରେ ଦାରିଦ୍ର୍ୟ ଦୂରୀକରଣ ନୂଆ ପନ୍ଥା ବାହାର କରିବାକୁ ଲୋକଙ୍କୁ ଉତ୍ସାହିତ କରାଯାଏ। ଲ୍ୟାଣ୍ଡମାଇନ୍‌ଗୁଡ଼ିକୁ ନିଷିଦ୍ଧ କରିବା, ଲୋକଙ୍କୁ ସ୍ୱାସ୍ଥ୍ୟ ଓ ଚିକିତ୍ସା ଯୋଗାଇଦେବା, ପ୍ରାକୃତିକ କିମ୍ବା ମାନବକୃତ ବିପର୍ଯ୍ୟୟରେ ପୀଡ଼ିତ ବ୍ୟକ୍ତିଙ୍କୁ ଉପଶମ ବ୍ୟବସ୍ଥା, ଶିକ୍ଷା, ଆତଙ୍କବାଦ, ଦୁର୍ନୀତି ଓ ଦାରିଦ୍ର୍ୟ ବିରୋଧରେ ଲଢ଼େଇ ଆଦି ପ୍ରମୁଖ ବିଷୟଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ଅଭିଯାନ ମାଧମରେ ପ୍ରୋତ୍ସାହିତ କରାଯାଏ।*

## କବିତା କୋଣାର୍କ

### ବେତନ ବୃଦ୍ଧି

**ବିନୟ ମିଶ୍ର**

ଶାସକ ଚଳିଲେ ପ୍ରଜାର ଅର୍ଥରେ
ଶାସକେ ନ ହୁଏ ଗଣା,
ପ୍ରଜା ଅନୁଦାନ ରାଜ୍ୟ ସଂଚାଳନ
ପ୍ରଗତି ଆଧାର ସିନା,
ଶାସକ ବେତନ ଭୋଗୀ,
ଅକ୍ଷୟଯୁଷ କରେ ଶାସକକୁ ସଦା
ଯାବତ ମରଣ ରୋଗୀ।

ସଂସାର ଏମିତି ଚାଲିଛି ଯେମିତି
ତେଲିଆ ମୁଣ୍ଡରେ ତେଲ,
ଅଧିକ ହୋଇଲେ ପୂର୍ବ ଅଙ୍ଗେ ଦେଲେ
ହୋଇଥାନ୍ତି କଲବଲ,
ରାଜନୀତି କୂଟନୀତି,
ଆପେ ବଞ୍ଚି ଦଶ ପରପୁରୁଷଙ୍କୁ
ଧନ ସଞ୍ଚି ସବୁ ରଖିଥାନ୍ତି।

ପ୍ରକୃତ ଖଟଣି ପାଉଣା ଦେବାକୁ
ନୀତି ନିୟମ ଖୋଜନ୍ତି,
ଶାସକ ଯେହେତୁ ନିଜପାଇଁ ସୁଖ
ଅନୀତିକୁ କରି ନୀତି,
ଆପେ ବଞ୍ଚି ବାପ ନାଆଁ,
ନୀତିକୁ ଆବୋରି ଭାଷଣ ସର୍ବସ୍ୱ
ଗର୍ଭକୁ କ୍ଷେପନ୍ତି ଯାହା।

ତିରିଶ ବରଷ ଦିବ୍ୟାଙ୍ଗ ସେବାରେ
ଅଳପ ବେତନ ନେଇ,
ଅବସର ପରେ ଭତ୍ତା ମିଳେନାହିଁ
ଭିକ୍ଷାରେ ଜୀବନ ନେଇ,
ନିତି ଜିଇ ମରୁଥାଇ,
କୋର୍ଟ ମାମଲା ଦିନ ବିତାଉଛି
ନ୍ୟାୟ କେହି ପାଉନାହିଁ।

+ନିଆଳ, ଖୋର୍ଦ୍ଧା

### ଆଇନା

**ସ୍ନିଗ୍ଧା ପଣ୍ଡା**

ନିଜକୁ ଦେଖିବାପାଇଁ ପ୍ରତିଥର
ଶୃଙ୍ଗାର ପରେ
ମୁଁ ଆସେ ଗୋଟେ ଲମ୍ବା
ଆଇନା ସାମ୍ନାକୁ
ସେଇ ଆଇନା ଯିଏ ଜୀବନସାରା
ଗପକରୁଥାଏ କାନ୍ଥମାନଙ୍କ ସହ
ଚିତ୍ର ଓ ଚରିତ୍ରମାନଙ୍କ ବିଷୟରେ
ତା'ର ଆଖିରେ ଦେଖେ
ମୋର ଟିକା ଓ ଟିକିଲି
ପାଉଡ଼ର ଓ ଓଠର ରଙ୍ଗ
ଶାଢୀର କୁଞ୍ଚ ଓ ଜୋତାର ହିଲ୍
ସେମାନଙ୍କୁ ପରସ୍ପର ସହ ମିଳେଇ ନିଏ
ଆଇନା ଭିତରୁ ଶୁଣିବାକୁ
ଚାହେଁ 'ଚମତ୍କାର'
ଶୁଣାଯାଏ ବି ସେମିତି ମତେ
ଯେଉଁ ଆଇନା ଆଜିଯାଏଁ
ଦେଖିନାହିଁ ନିଜକୁ
ତା' ଠାରୁ ତାରିଫ୍ ଶୁଣି ମୁଁ ଫୁଲିଉଠେ
ପିଠି ଥାପୁଡ଼େଇ ଦିଏ ନିଜର
ଆଃ, ସତରେ ମୁଁ କେଡ଼େ ସୁନ୍ଦର
ଆଇନାରେ ମତେ
ଦେଖାଯାଏନି କେବେ
ଜୋତା ଭିତରେ ଲୁଚିଯାଇଥିବା
ପାଦର ଭୟ
ମାଂସକୁ ଚାହିଁଥିବା ଆଖିର ଲୋଭ
ଗୋରା ରଙ୍ଗର ଅହଙ୍କାର
ଆଲୁଅରେ ବଦଳୁଥିବା
ମୋର ଛାଇର ଆକାର
କିମ୍ବା ଭିକମାଗୁଥିବା ଅସହାୟ ହାତଠାରୁ
ବୁଲେଇ ନେଇଥିବା ମୁହଁର ଅବଜ୍ଞା
'କେତେ ସୁନ୍ଦର', 'କେତେ ସୁନ୍ଦର'
ନିରେଖୁଥାଏ ନିଜକୁ ମୁଁ ବାରମ୍ବାର
ଅର୍ଦ୍ଧସତ୍ୟର ଅର୍ଦ୍ଧେକରୁ କମ୍ ଦୃଶ୍ୟରେ
ମଗ୍ନ ଏମିତି ଥାଏ ଯେ
କେବେ କିନ୍ତୁ ଧରା ପଡେନା
ଚମକୁଥିବା ଚମଡାଳେ
ମୋର ଅନେକ ଅନ୍ଧାର ।

+ମୋ-୯୮୬୧୩୨୩୬୫୦

### ଭିନ୍ନ ଏକ କବିତାରେ

**ବୃନ୍ଦାବନ ପ୍ରଧାନ**

ଏବେ ଏବେ ସକାଳକୁ ଖୁବ୍ ଚାହିଁଲି
ପରଖୁଥିଲି ସେ ନିରବତାକୁ
ଶୀତୁଆ ସକାଳ ଟି ଖୁବ୍ ନିରିମଳ
ବସା ଛାଡି ଯାଉଥିଲେ ବିହଗ ସବୁ।

ଅନେକ ଆଶା ଆକାଂକ୍ଷା ସବୁକୁ
ଦ୍ୱାହି ଦେଇ ସ୍ୱପ୍ନିଳ ସାଗରେ
ଭାଷୁଥିଲା ବେଳେ ସତେ ତ
ତମେ ଆସିଯାଅ ଶୁଭ ସକାଳରେ।

ତମେ ତ ନିଶ୍ଚୟ ଆସିବ ପୁଣି
ଅପରାହ୍ନ ଅବା ସାୟଂ କାଳରେ
ଅବୟବ ଶବ୍ଦ ସବୁତକ କେବଳ
ଗୁନ୍ଥି ହେବେ ଭିନ୍ନ ଏକ କବିତାରେ।

+ବାଉଲସିଂହା ଭଟଲି
ବରଗଡ଼

# ମନ ଜାଣି ଭଗବାନ

## ସନ୍ତୋଷ କୁମାର ଅଦାବର

ଜଣେ ଧର୍ମ ପରାୟଣ ରାଜା ଥିଲେ। ଦିନେ ତାଙ୍କ ମନରେ ବିଚାର ଆସିଲା ଯେ, ଭଗବାନ କେଉଁଠି ରୁହନ୍ତି, ଭଗବାନ କ'ଣ କରନ୍ତି, ଭଗବାନ କେମିତି ଦେଖା ଯାଆନ୍ତି, ଭଗବାନ କେଉଁ ଦିଗ ରେ ମୁହଁ ରଖନ୍ତି, ଭଗବାନଙ୍କ ରଙ୍ଗ କେମିତି, ଭଗବାନ ପୁରୁଷ ନା ସ୍ତ୍ରୀ । ଏମିତି ୫ ଟି ପ୍ରଶ୍ନ, ସଭାରେ ପଣ୍ଡିତ ମାନଙ୍କୁ ଡାକି ପଚାରିଲେ ହେଲେ କାହାରି ଉତ୍ତର ରାଜାର ମନ ଶାନ୍ତ ହେଲା ନାହିଁ । କେତେ ଦିନ ପରେ ଦରବାରକୁ ଜଣେ ଋଷି ଆସିଲେ । ରାଜା ଆଦରରେ ତାଙ୍କର ସେବା କରି ବସିବାକୁ ଆସନ ଦେଲେ । ଋଷିଙ୍କୁ ତାଙ୍କ ମନର ପ୍ରଶ୍ନ ଗୁଡ଼ିକ କହିଲେ, ଋଷି କହିଲେ ଠିକ୍ ଅଛି ତତେ ମୁଁ ସବୁ ପ୍ରଶ୍ନର ଉତ୍ତର ଦେବି।



ରାଜାଙ୍କୁ କହିଲେ ଫୁଲରେ ବାସନା ଅଛି ନା ନାଇଁ, ରାଜା କହିଲେ ହଁ ଋଷିବର ଅଛି । ଋଷି କହିଲେ ଠିକ୍ ଅଛି। ଗୋଟିଏ ଗ୍ଲାସ୍ ଦୁଧ ନେଇ କି ଆସ, ରାଜାକୁ ଋଷି କହିଲେ କ୍ଷୀରରେ ଘିଅ ଅଛି ନା, ରାଜା କହିଲେ ହଁ ଋଷିବର ଅଛି, ଋଷି କହିଲେ ହଉ ତା ହେଲେ ତମେ କ୍ଷୀରରୁ ଘିଅ ବାହାର କରି ଦେଖାଅ। ରାଜାଙ୍କୁ କହିଲେ ତୁମେ ପରା କହିଲା କ୍ଷୀରରେ ଘିଅ ଅଛି ବୋଲି, ବାହାର କରି ଦେଖାଅ। ରାଜା କହିଲେ ବୁଝିଗଲି ମହାତ୍ମା, ଭଗବାନ ସବୁଠୀ ଅଛନ୍ତି କିନ୍ତୁ ଅଦୃଶ୍ୟ ରୂପରେ କିନ୍ତୁ ଅଛନ୍ତି । ଋଷି କହିଲେ ୨ ନମ୍ବର ପ୍ରଶ୍ନ - ରାଜନ୍ ତୁମେ ସିଂହାସନରୁ ଓହ୍ଲେଇ ଆସ ମୋ ଆସନରେ ବସ ମୁଁ ତୁମ ଆସନରେ ବସିବି । ରାଜା କହିଲେ ହଁ ଋଷିବର । ଆସନର ବଦଳି ହେଲା । ଋଷି କହିଲେ ଏବେ କୁହ ତୁମେ ରାଜା ନା ମୁଁ ରାଜା । ରାଜା କହିଲା ଆପଣ ।ଏବେ ବୁଝିଲ ଭଗବାନ ଚାହିଁଲେ ରାଜାକୁ ଭିକାରୀ ଆଉ ଭିକାରୀକୁ ରାଜା କରି ଦେଇ ପାରନ୍ତି । ରାଜା ଖୁସି ହେଇ ଗଲେ ଧନ୍ୟ ତୁମେ ମହାତ୍ମା କେତେ ସହଜରେ ବୁଝେଇ ଦେଉଛନ୍ତି । ପୁଣି ଆସନ ବଦଳାଇ ବସିଲେ । ୩ ନମ୍ବର ପ୍ରଶ୍ନ, ଭଗବାନଙ୍କ ମୁଖ କେଉଁ ଦିଗରେ ଅବସ୍ଥିତ। ରାଜା ଗୋଟିଏ ଅନ୍ଧାର କୋଠରୀକୁ ଯିବା, ଗୋଟିଏ ମାଟିଦୀପ ଦୀପ ନେଇ କି ଆସ । ସେଇଆ ହେଲା ଅନ୍ଧାର ଘରକୁ ଯାଇ ଦୀପ ଟିକୁ ଜଳାଇ ଦିଅ ଗଲା, ଋଷି କହିଲେ ଦୀପର ମୁହଁ କେଉଁ ପଟେ ଅଛି କହିଲ ରାଜା, ରାଜା କହିଲେ ସବୁ ଆଡେ ସମାନ ଉଜ୍ଜ୍ୱଳ ଦେଖା ଯାଉଛି। ଋଷି କହିଲେ ଭଗବାନ ମଧ୍ୟ ସବୁ ଦିଗ ରେ ବିରାଜିତ । ୪ ନମ୍ବର ପ୍ରଶ୍ନ ଭଗବାନଙ୍କ ରଙ୍ଗ କେମିତି - ଋଷି କହିଲେ ଯେଉଁ କବି କହିଛନ୍ତି ବିଷ୍ଣୁ ଶୁକ୍ଳ ବର୍ଣ୍ଣ, କେଉଁ କବି କହିଛନ୍ତି ନୀଳ ତ କେଉଁ କବି କହିଛନ୍ତି ଗାଢ଼ କଳା । ତା ମାନେ ସେ କବି ମାନେ ତାଙ୍କ ମନରୁ ଭଗବାନଙ୍କ ରୂପ ବର୍ଣ୍ଣନା କରିଛନ୍ତି, ଆମେ ଭଗବାନଙ୍କୁ ଯେଉଁ ରୂପ ରେ ଦେଖିବାକୁ ଚାହିଁବୁ ଭଗବାନ ସେଇ ରୂପ ରେ ଦର୍ଶନ ଦେବେ, ଭଗବାନଙ୍କର କୌଣସି ରଙ୍ଗ ନାହିଁ । ୫ ପ୍ରଶ୍ନ - ଭଗବାନ ପୁରୁଷ ନା ସ୍ତ୍ରୀ। ଗୋଟେ ଗପ କହୁଛି ଶୁଣ, ମା ପୁଅ ଦି ଜଣ ରହୁଥିଲେ । ୮/୧୦ ବର୍ଷର ପିଲା ହେଇଛି, ମା ରୋଗରେ ପୀଡ଼ିତା, ଦିନେ କହିଲା ବାପାରେ ମୁଁ ଯଦି ମାରି ଯାଏଁ ତୋର ଯାହା ଦରକାର ଥିବ ଭଗବାନଙ୍କୁ ମାଗିବୁ ସେ ତତେ ଦେବେ, ସେତିକି କହି ତାର ମୃତୁ ହେଇ ଗଲା । ପିଲାଟି ଦୁଃଖରେ ରହିଲା, ଭିକ ମାଗି ମାଗି ପେଟ ପୋଷୁଥାଏ। ଦିନେ ଗୋଟିଏ ଚପଲ ଦୋକାନ ପାଖରେ ଅଟକି ଗଲା । ଦେଖିଲା ସୁନ୍ଦର୍ ସୁନ୍ଦର୍ ଜୋତା, ଚପଲ ବାହାରେ ଟଙ୍ଗା ହେଇଛି, ପିଲାଟିର ମନ ଚପଲ ପିନ୍ଧିବାକୁ ହେଲା, ମନେ ମନେ ଭାବିଲା ମୋ ବାପା, ମା ଥିଲେ ମୁଁ କହିଲାରୁ ମତେ ଜୋତା କିଣି ଦିଅନ୍ତେ । ଏଇଆ ଭାବି ଦେଖୁଥାଏ । ଛୁଆ ମାନେ ଦୋକାନକୁ ଯାଇ ନୂଆ ଜୋତା ନେଇ ଫେରୁଛନ୍ତି । ଏତିକି ବେଳେ ଜଣେ ମହିଳା ପିଲାଟିର କାନ୍ଧରେ ହାତ ରଖି କହିଲା କଣ ତୁ ଜୋତା ପିନ୍ଧିବୁ । ପିଲାଟି କହିଲା ହଁ ମାଆ । ହେଲେ ମୋ ପାଖରେ ପଇସା ନାହିଁ । ମହିଳା ଜଣକ କହିଲେ ଦୋକାନକୁ ଯିବା ଚାଲ, ତୋ ମନ ପସନ୍ଦର ଜୋତା ବାଛ। ପିଲାଟି ବାଛିଲା, ଦେବି କହିଲେ ଆଉ ହଳେ ବାଛ, ଗୋଟିଏ ଫାଟିଗଲେ ଆଉ ଗୋଟିଏ ପିନ୍ଧିବୁ । ପିଲାଟି ଖୁସି ହୋଇ ଆଉ ହଳେ ବାଛିଲା । ଦୋକାନରୁ ବାହାରିଲେ ଏବେ ଖୁସି ତ । ପିଲାଟି କହିଲା ହଁ ମାଆ ମୁଁ ବହୁତ୍ ଖୁସି। ତୁମେ କଣ ଭଗବାନଙ୍କ ସ୍ତ୍ରୀ, ମୋ ମା କହିଥିଲା ଯାହା ତୋର ଦରକାର ହେବ ଭଗବାନଙ୍କୁ ମାଗିବୁ ଦେବେ । ଦେବି ଜଣେ ହସିଲେ ଆଉ ଜଣେ ପୁରୁଷର ସ୍ୱରରେ କହିଲେ ମୁଁ କଣ ଭଗବାନ ନୁହେଁ । ପିଲାଟି ପ୍ରଣାମ କଲା । ମୁଁ ଶିଶୁଟି ବୋଲି ମା' ରୂପରେ ଦେଖା ଦେଲ ନା ମା, ଦେବି ହସି ଦେଇ ଅଦୃଶ୍ୟ ହୋଇ ଗଲେ।

+ସରସ୍ୱତୀ ମେହେର, ସିନାପାଲି

# କଥା

## ନୀଳମଣି ଚାନ୍ଦ

ମାଆଙ୍କର କଥା ଲାଗେ
ମିଠା ଆଉ ନରମ
ଧରିତ୍ରୀ ମା ପରି ସିନା
ସହିବା ଯା ଧରମ
ଶୁଣ ତାଙ୍କ କଥାରେ
ରଖିବାଟି ମଥାରେ ।

ବାପାଙ୍କର କଥା ଲାଗେ
କଡ଼ା ଆଉ ଗରମ
ଦୃଷ୍ଟ ହେବୁନାହିଁ କେବେ
ଆଦେଶଟି ଚରମ
କହନ୍ତି ସେ କାହିଁକି
ଆମ ଭଲ ପାଇଁକି ।

ଶିକ୍ଷକଙ୍କ କଥା ସଦା
ମନଦେଇ ପଢ଼ିବ
ତେବେ ସିନା ଭଲ କରି
ଜୀବନକୁ ଗଢ଼ିବ
ଏଇ ସେହି ପାଠଟି
ଦେଖାଇବ ବାଟଟି ।

ଭଲକଥା ଶୁଣିଦେଲେ
ମନ ହୁଏ ଖୁସିରେ
କଡ଼ା କଥା ଶୁଣି ଦେଇ
କିଏ ଯାଏ ରୁଷିରେ
ମଧୁର ସେ ବଚନ
ସତେ ପରା ରତନ ।

ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ସରଗେ ଉଇଁଛି ଜହ୍ନ

## ଶରତ କୁମାର ଦାସ

ପୋଖରୀରେ ପରା ଫୁଟିଲାଣି କଇଁ
ସରଗେ ଉଇଁଛି ଜହ୍ନ,
ଜହ୍ନ ଧରିବାକୁ ଗୁଡୁଲ୍ ବାବାର
ମନ ଖାଲି ଛନଛନ ।

ତରବରେ ଯାଇ କହିଲା ମାଆକୁ
ଆଣି ଦିଏ ଜହ୍ନ ମୋତେ,
ଖେଳିବି ତା' ସାଥେ ହେବିନି ଚଗଲା
କହୁଛି ସତ ମୁଁ ତୋତେ ।

ହସିହସି ମାଆ କହିଲେ ପୁଅକୁ-
ବହୁ ଦୂର ତାଙ୍କ ଘର,
ବାଟ ତ ଜାଣିନି କେମିତି ଯିବି ମୁଁ
ଲାଗେ ମୋତେ ଭାରି ଡର ।

ଆମେ ସବୁ ତଳେ ସେ ପରା ଉପରେ
ଜହ୍ନିଫୁଲ ପରି ମୁହଁ,
ଦେଖିଦେଲେ ଥରେ ଚେହେରା ତାଙ୍କର
ବହେ ତ ଖୁସିର ସୁଅ ।

କିଏ ଡାକେ ତାଙ୍କୁ ଜହ୍ନମାମୁ ପୁଣି
କେ କହେ ଚାନ୍ଦ ବା ଇନ୍ଦୁ,
ଧୋବଧଉଳିଆ ଚିକିମିକି ଦିହ
ଜୋଛନାର ମହାସିନ୍ଧୁ ।

ଦିନ ସରିଗଲେ ସଂଜ ଆସିଗଲେ
ଆସନ୍ତି ଆକାଶେ ସିଏ,
ଅଜାଡ଼ି ଦିଅନ୍ତି ଶୀତଳ ପରଶ
(ସେ) ଉପକାରୀ ବନ୍ଧୁଟିଏ ।

ମାଆଙ୍କର କଥା ଶୁଣି ତ ଗୁଡୁଲ୍
ମନେ ଭାରି ଖୁସି ହେଲା,
ବଡ଼ହେଲେ ହେବ ଜହ୍ନପରି ସିଏ
ମାଆଙ୍କୁ ସେ କଥାଦେଲା ।

ମନ ତା'ର ହେବ ସ୍ୱଚ୍ଛ ନିରିମଳ
ଜନ ହିତେ ହେବ କାମ,
ଜ୍ଞାନର ଆଲୋକ ସରାଗରେ ଢାଳି
ରଖିବ ଦେଶର ନାମ ।

ବିଭାଗ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ଗୁରୁମାଙ୍କ ଦାୟିତ୍ୱ

## ରମେଶ ଚନ୍ଦ୍ର ଦାଶ



କନକପୁର ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ର ମକୁନ୍ଦ । ସେ ଶ୍ରେଣୀରେ ପ୍ରଥମ ହୁଏ। ଏଥିପାଇଁ ତାକୁ ସବୁ ଶିକ୍ଷୟିତ୍ରୀମାନେ ଭଲ ପାଆନ୍ତି । ସେ ତାର ବହିପତ୍ରର ଯତ୍ନ ଠିକ୍ ଭାବରେ ନିଏ । କୌଣସି ଦିନ ବିଦ୍ୟାଳୟ ବନ୍ଦ କରେନାହିଁ କି ବିଳମ୍ବରେ ପହଞ୍ଚେ ନାହିଁ ।

ଦିନକର ଘଟଣା । ସେ ବିଦ୍ୟାଳୟକୁ ହସ୍ତାକ୍ଷର ଖାତା ନେଇନଥାଏ । ତାକୁ ଶିକ୍ଷୟିତ୍ରୀ ଖାତା ପ୍ରସଙ୍ଗରେ ପଚାରିବାରୁ ସେ କହିଲା, "ଖାତା ସରିଯାଇଛି ।" ଶିକ୍ଷୟିତ୍ରୀ କହିଲେ, "ତୁ ବାପାଙ୍କୁ କହିଲୁନି ଖାତା ଆଣିବାକୁ ।" ସେ କହିଲା, "ମୋର ମନେନାହିଁ । ମୁଁ କାଲିକୁ ବାପାଙ୍କୁ କହି ଖାତା ଆଣିବି ।" ଶିକ୍ଷୟିତ୍ରୀ ଜଣଙ୍କ ସେଦିନ ତାକୁ ଛାଡ଼ିଦେଲେ । ଆଉ କିଛି କହିଲେ ନାହିଁ । ତା ପରଦିନ ସେ ଟିକେ ବିଳମ୍ବରେ ପହଞ୍ଚିଲା । ତାକୁ ତାଙ୍କର ବଡ଼ଗୁରୁମା ପଚାରିଲେ, "ତୋର ଏତେ ଡେରି କାହିଁକି ହେଲା ?" ସେ କିଛି ନକହି ଚୁପ୍ ରହିଲା । ଶ୍ରେଣୀକୁ ସେଦିନ ସେ ହସ୍ତାକ୍ଷର ଖାତା ନେଇ ନଥାଏ ।

ସେଦିନ କିନ୍ତୁ ତାଙ୍କ ଗୁରୁମା ତାକୁ ଛାଡ଼ିଲେ ନାହିଁ । ଖାତା ନଆଣିଥିବାରୁ ତାଗିଦା କରି କହିଲେ । ସେ ଚୁପ୍ ହୋଇ ରହିଲା । ଏମିତି ପ୍ରତିଦିନ ସେ ଗାଳିଖାଇଲା ସିନା ବିଦ୍ୟାଳୟ ଯିବା ବନ୍ଦ କଲା ନାହିଁ । ଦିନେ ଗୁରୁମା ଜଣଙ୍କ କହିଲେ, "ତୁ ହସ୍ତାକ୍ଷର ଖାତା ନଆଣିଲେ କାଲିକୁ ବିଦ୍ୟାଳୟ ଆସିବୁ ନାହିଁ ।" ସତକୁ ସତ ପରଦିନଠାରୁ ସେ ବିଦ୍ୟାଳୟକୁ ଗଲାନାହିଁ । ଦିନ ପରେ ଦିନ ଗଡ଼ିଚାଲିଲା । ସେ ବିଦ୍ୟାଳୟକୁ ଗଲାନାହିଁ ।

ଏକଥା ବଡ଼ଗୁରୁମା ଜାଣିଲେ । ସେ ତାର କାରଣ ଖୋଜିଲେ । କେହି କିଛି କହିପାରିଲେ ନାହିଁ । ଦିନେ ଛୁଟି ପରେ ସେ କାହାରିକୁ କିଛି ନକହି ଏକୁଟିଆ ତାଙ୍କ ଘରକୁ ଗଲେ । ସେତେବେଳକୁ ମକୁନ୍ଦ ଘରେ ଥାଏ । ଘରେ ତାର ବୋଉ କିଛି କାମରେ ବ୍ୟସ୍ତ ଥାଆନ୍ତି । ବଡ଼ଗୁରୁମାଙ୍କୁ ଦେଖି ମକୁନ୍ଦ ଆଶ୍ଚର୍ଯ୍ୟ ହୋଇଗଲା । ସେ ସଙ୍ଗେ ସଙ୍ଗେ ଗୁରୁମାଙ୍କୁ ନମସ୍କାର ହୋଇ ବସିବାକୁ ପିଢ଼ାଦେଲା । ତାର ପାଟି ଶୁଣି ବୋଉ ଆସି ପହଞ୍ଚିଲେ । ମକୁନ୍ଦର ବାପା ଗୋଟିଏ ଖଟ ଉପରେ ଶୋଇ ରହିଥାଆନ୍ତି । ସେ ଗୁରୁମା ଆସିବା ଜାଣି କହିଲେ, "ମୋ ଦେହ ବ୍ୟସ୍ତ ପାଇଁ ପିଲାଟା ରହିଯାଇଛି । ମୋ ଦେହ ଭଲ ହୋଇଗଲେ ମୁଁ ତାକୁ ଛାଡ଼ି ଆସିବି ।" ସେଦିନ ଗୁରୁମା ସବୁ ଅବସ୍ଥା ଦେଖି ଚାଲିଆସିଲେ । ପରଦିନ ବିଦ୍ୟାଳୟରେ ମକୁନ୍ଦ ବିଷୟରେ ଆଲୋଚନା ହେଲା । ସେ ଦେଖିଥିବା ଘଟଣା ସମ୍ପର୍କରେ କହିଲେ । ସମସ୍ତେ ତା ପାଇଁ ବ୍ୟସ୍ତ ହୋଇପଡ଼ିଲେ । ସବୁଠାରୁ ଅଧିକ ବ୍ୟସ୍ତ ହେଲେ ତାକୁ ବିଦ୍ୟାଳୟକୁ ନଆସିବା ପାଇଁ କହିଥିବା ଗୁରୁମା । ସେ ସେଦିନ ଛୁଟିପରେ ଲୁଚି ଲୁଚି ମକୁନ୍ଦର ଘରେ ପହଞ୍ଚିଲେ । ତାକୁ କହିଥିବା କଥା ପାଇଁ ଭୁଲ୍ମାଗିଲେ । ତାର ବୋଉ କିନ୍ତୁ କହିଲେ, "ଆପଣ ମୋ ପିଲାର ଭଲ ପାଇଁ ଯାହା କହିଛନ୍ତି, ଏଥିପାଇଁ ଏତେ ବ୍ୟସ୍ତ କାହିଁକି ହେଉଛନ୍ତି ।" ପରଦିନ ସକାଳୁ ନିଜେ ତାଙ୍କ ଘରୁ ତାକୁ ଡାକିନେଇ ବିଦ୍ୟାଳୟକୁ ଗଲେ ଓ ବଡ଼ଗୁରୁମାଙ୍କ ଆଗରେ ସବୁ ସତକଥା କହିଲେ । ନିଜର ଭୁଲ୍ ବୁଝିପାରିଥିବାରୁ ବଡ଼ଗୁରୁମା କିଛି କହିଲେ ନାହିଁ । ମକୁନ୍ଦର ବାପାମାଆଙ୍କର ଗୁରୁଭକ୍ତି ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଶିକ୍ଷକଙ୍କ ବିରୋଧରେ ପଦେହେଲେ କଥା କହିନଥିଲେ । ସେହିଦିନ ପରେ ମକୁନ୍ଦର ସମସ୍ତ ଦାୟିତ୍ୱ ସେହି ଗୁରୁମା ନେଲେ । ସେ ପ୍ରତି ଶ୍ରେଣୀରେ ପ୍ରଥମ ହୋଇ ପଢ଼ିଚାଲିଲା ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ମୋ: ୯୭୭୬୨୩୮୫୨୨

# ବଡଦିନ ପର୍ବ...

## ରାମଚନ୍ଦ୍ର ବେହେରା

ବଡଦିନ ପର୍ବ ଆସୁଅଛି ମିତ
ପୁଲକିତ ତନୁ ମନ
ସାରା ବିଶ୍ୱବାସୀ ପାଳିବେ ସରାଗେ
ଯୀଶୁଂକ ଜନମ ଦିନ।
ଇସାଇ ଧର୍ମର ଏ ମହାନ ପର୍ବ
ଖୁସି ଭରିଦେବ ପ୍ରାଣେ
ସାରା ଗିର୍ଜାଘର ଚମକି ଉଠିବ
ବିଶ୍ୱ କୋଣ ଅନୁକୋଣେ।
ପ୍ରଭୁ ଯୀଶୁ ଥିଲେ ଦେବତା ସମାନ
ବିଚାର ତାଂକ ମହାନ
ସେବା ଦୟା କ୍ଷମା ପ୍ରେମର ପ୍ରତୀକ
କରୁଣାରେ ଅନୁପମ।
ତାଂକ ନୀତି ବାଣୀ ଅତ୍ୟନ୍ତ ପବିତ୍ର
ସେବାକୁ ଦିଅଇ ମାନ
ସବୁ ଗୁଣ ଠାରୁ ସେବା ଗୁଣ ଶ୍ରେଷ୍ଠ
ସେବା ହିଁ ମାନବ ଧର୍ମ।
ଆସ ବଡଦିନେ ଶପଥ କରିବା
ମାନିବା ଯୀଶୁଂକ ନୀତି
ଦୁଃଖୀ ଦରିଦ୍ରଂକୁ ସେବା କରି ଆମେ
ବାଣ୍ଟିବା ସହାନୁଭୂତି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



# ପାଖେଥିଲେ ବାପା ନ ଥାଏ ଚିନ୍ତା

## ଶୁଭନାରାୟଣ ଶତପଥୀ



ହଠାତ ସମ୍ପଦକୁ ଭୀଷଣ ଜ୍ୱର, ମୁଣ୍ଡବିନ୍ଧା ହେବାରୁ ଆମ୍ବୁଲାନ୍ସକୁ ଡକାଇଲେ ବାପା । ସମ୍ପଦ ଓ ତାର ମାଆ ଡାକ୍ତରଖାନାକୁ ଗଲେ । ଡାକ୍ତର ସମ୍ପଦର ସ୍ୱାସ୍ଥ୍ୟ ପରୀକ୍ଷାକରି କହିଲେ ତୁ ଚାରି ଦିନ ଡାକ୍ତରଖାନାରେ ରହିବୁ । ସମ୍ପଦ ଓ ତାର ମାଆ ଗୋଟିଏ ବାତାନୁକୂଳିତ ଓାର୍ଡରେ ରହିଲେ । ମାଆ ତାର ପାଖରେ ବସିଥାନ୍ତି । ସମ୍ପଦର ମୁଣ୍ଡ ଆଉଁସି ଦେଉଥାନ୍ତି । ସୁନ୍ଦର ସୁନ୍ଦର ଗପ କହୁଥାନ୍ତି । ମନଲାଖି ଖାଦ୍ୟ ଖୁଆଇବାକୁ ଦେଉଥାନ୍ତି । ଚିକିତ୍ସାପରେ ସମ୍ପଦ ସୁସ୍ଥ ହେଲା ଓ ଘରକୁ ଫେରିଲା । ବାପାଙ୍କୁ ଦେଖି ଭାବୁଥାଏ ମୋର ଭୀଷଣ ଦେହ ଖରାପ ହେଲା ଅଥଚ ବାପା ଟିକେ ମୋ ପାଖକୁ ଆସିଲେନି କି ମୋତେ ଦଖା କଲେନି । କିନ୍ତୁ ଏକଥା ପ୍ରକାଶ କରିପାରୁନଥାଏ ।

ଦିନପରେ ଦିନ ଗଲା । ସମ୍ପଦ ବଡ ହୋଇ ଘର ସଂସାର କଲା । ତାର ସ୍ତ୍ରୀ, ପୁଅ ସହିତ ସହରରେ ରହିଲା । ସେଠାରେ କମଧନ୍ଦାକରି ଚଳୁଥାଏ । ଦିନେ ସମ୍ପଦ ପୁଅ ମଂଟୁର ଦେହ ଖାରାପ ହେବାରୁ ସେ ଡାକ୍ତରଖାନରେ ରହିଲା । ବାପା ଆମ୍ବୁଲାନ୍ସ ଡକାଇଲେ । ପୁଅର ସୁବିଧା ପାଇଁ ଅର୍ଥ ଦେଇ ବାପା ବାତାନୁକୂଳିତ ଓାର୍ଡରେ ରଖିବାର ବ୍ୟବସ୍ଥା କଲେ । ମଂଟୁ ପାଖରେ ତାର ମାଆ ରହିଲେ । ଡାକ୍ତରଙ୍କ ନିୟମିତ ପରାମର୍ଶରେ ଔଷଧ ଯୋଗାଇଲେ, ପରୀକ୍ଷନିରୀକ୍ଷା କରାଇଲେ ଓ ମଂଟୁର ମନଲାଖି ଖାଦ୍ୟ ଦେଲେ ଖାଇବାକୁ । ଦିନାରାତି ଡାକ୍ତରଖାନା ବାରଣ୍ଡାରେ ପଡିରହି ଝରକା ଦେଇ ପୁଅ ମଂଟୁକୁ ଦଖୁଥାନ୍ତି ବାପା ସମ୍ପଦ । ନିଦଲାଗିଲେ ବାରଣ୍ଡାରେ ପଡିଥିବା ଚୌକିରେ ଶୋଇପଡନ୍ତି । ରାତିରେ ମଶା କାମୁଡାଠାରୁ ଦିନବେଳା ଗରମରେ ଘାଂଟି ହୋଇଯାଉଥିଲେ ମଂଟୁର ବାପା । ନାତିର ଦେହଖରାପ ହୋଇଛି ବୋଲି ଜାଣିବାପରେ ଜେଜେବାପା ଆଉ ଜେଜେମାଆ ଧାଇଁ ଆସି ପହଁଚିଲେ ଡାକ୍ତରଖାନାରେ । ସମ୍ପଦ ବାପାଙ୍କୁ ଦେଖି ଓ ଭୋ ଭୋ ହୋଇ କାନ୍ଦିବାକୁ ଲଗିଲେ । କାନ୍ଦି କାନ୍ଦି ସମ୍ପଦ ତାର ବାପାଙ୍କୁ କହୁଥିଲେ ବାପା ଦାୟିତ୍ୱ ତୁଲାଇବାଟା ବଡ କଷ୍ଟ କାମ ବୋଲି ମୁଁ ଜାଣି ନଥିଲି । ପିଲବେଳେ ମୁଁ ତୁମକୁ ବୁଝିପାରିନଥିଲି ବାପା । ଏବେ ମୁଁ ବୁଝିପାରୁଛି ମୁଁ ସଦିନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ତୁମେ ମୋ ପାଖକୁ ନଆସିପାରିବାର କାରଣକୁ ଓ ମୋ ପାଇଁ ତୁମର ସେ ତ୍ୟାଗ ସବୁକୁ । ଏ ତ୍ୟାଗ କେବଳ ସେଦିନର ନୁହେଁ ସବୁଦିନର ମୋତେ ନିଜଗୋଡରେ ଠିଆ କରାଇବାକୁ। ଏହାକୁ ମୁଁ କେବେ ଭୁଲିପାରିବି ନାହିଁ । ମଂଟୁର ଦେହ ଭଲ ହେବାରୁ ଡାକ୍ତର ତାକୁ ଡିସଚାର୍ଜ କଲେ । ମଂଟୁ ଧାଇଁ ଆସି ଜେଜେବାପାଙ୍କ କୋଳରେ ବସିପଡିଲା । କହିଲା ଜେଜେବାପା ଜେଜେମାଆ ତୁମେ ଦୁହେଁ ରହିବ ଏଠାରେ । ସମ୍ପଦ ଓ ମଂଟୁର ମାଆ କହିଲେ ହଁ ହଁ ଆମ ସାଙ୍ଗରେ ରହିଲେ ତୋ ସହିତ ଖେଳିବେ ବୁଲିବେ ମଜାକରିବେ । ବାପାଙ୍କ ଆଡକୁ ଚାହିଁ ମଂଟୁ କହିଲା ବାପା ମୁଁ ତୁମକୁ ଚାରିଦିନ ହେଲା ଖୋଜୁଛି ଟିକେ ଦେଖାହେବି ବୋଲି କୁଆଡେ ଯାଇଥିଲ ତୁମେ ? ବାପା କହିଲେ ତୋ ପାଖକୁ ଯିବାକୁ ଅନୁମତି ନଥିଲା ଏଣୁ ଏଇ ଝରକାରୁ ତୋତେ ଦେଖି ମନକୁ ବୁଝାଉଥିଲି । ବାକି ସବୁ ତୁ ମୋ ପରି ହେଲେ ବୁଝିବୁ । ମଂଟୁ ଓ ବାପାଙ୍କ ହାତଧରି ସମ୍ପଦ ପରିବାର ସହ ଘରକୁ ଫେରିଲେ । ସମ୍ପଦ ସମସ୍ତଙ୍କୁ କହୁଥିଲେ ପାଖେଥିଲେ ବାପା ନ ଥାଏ ଚିନ୍ତା ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

# ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ

ଜୟପୁର,୧୯/୧୨ (ନି.ପ୍ର): ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ କୁନ୍ଦୁରା ଠାରେ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ଼କ୍ରସର ଅଧ୍ୟକ୍ଷ କରୁଣାକର ଭୁଏଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଥିଲେ ରାଜ୍ୟ ଜୁନିୟର ରେଡ୍ କ୍ରସ୍ ସାଧନକର୍ମୀ ଯଜ୍ଞେଶ୍ୱର ପଣ୍ଡା , ସମ୍ମାନିତ ଅତିଥି ଥିଲେ କୁନ୍ଦୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି. ମନସ୍ମିତା, କୋରାପୁଟ ଜିଲ୍ଲା ପେଡାଗୋଜି ସଂଯୋଜକ ଚନ୍ଦ୍ରକଳା ବଗର୍ତି, ଅବସର ପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ବିପ୍ର ଚରଣ ପଣ୍ଡା, କୁନ୍ଦୁରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ରଘୁନାଥ ପାଙ୍ଗି । ଶିବିରରେ ପ୍ରଥମେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତକା ଉତୋଳନ କରାଯାଇଥିଲା ତାପରେ ଜୁନିୟର ମାନଙ୍କଦ୍ୱାରା ଉଦ୍‌ବୋଧନୀ , ପ୍ରତିଜ୍ଞା, ସ୍ଲୋଗାନ କରାଯାଇଥିଲା। ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ହରେକୃଷ୍ଣ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସାଧନ କର୍ମୀ ଜ୍ୟୋତି ରଞ୍ଜନ ନନ୍ଦ ଅତିଥି ପରିଚୟ ଦେଇଥିଲେ। ଶାରୀରିକ କ୍ରୀଡା ଶିକ୍ଷା ଅଧିକାରୀ ଲଲାଟେନ୍ଦୁ ପୂଜାରୀ ଶିବିର ବିବରଣୀ ପ୍ରଦାନ କରିଥିଲେ। ସମସ୍ତ ସମ୍ମାନିତ ଅତିଥି ନିଜ ନିଜର ଅଭିଭାଷଣ ରଖିଥିଲେ। ଅନ୍ତିମରେ ଶ୍ରୀ ଅରବିନ୍ଦ ଶିକ୍ଷାନିକେତନ କୁନ୍ଦୁରାର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଭାତୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।ଏହା ପରେ ରାଜ୍ୟ ସାଧନକର୍ମୀ ଯଜ୍ଞେଶ୍ୱର ପଣ୍ଡା ଶିକ୍ଷାଦାନ କାର୍ଯ୍ୟ ପରିଚାଳନା କରିଥିଲେ ଯେଉଁଥିରେ ରେଡ୍ କ୍ରସର ଉତ୍ପତ୍ତି, ଉଦ୍ଦେଶ୍ୟ, ଲକ୍ଷ୍ୟ, ମୂଳନୀତି ଏବଂ ଇତିହାସ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଜୁନିୟର ମାନଙ୍କୁ ଅବଗତ କରାଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ଶିବିରର ଦ୍ୱିତୀୟ ଅଧିବେଶନ ଯେଉଁଥିରେ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଲୋକପାତ କରାଯାଇଥିଲା । ବିପତି ଓ ବିପର୍ଯ୍ୟୟରୁ ଉଦ୍ଧାର କିପରି କରାଯିବ , ଅଗ୍ନୀର ପ୍ରକାରଭେଦ, ଏହାକୁ କିପରି ଲିଭାଯିବ ତାର କୌଶଳ ଦେଖାଇଥିଲେ ଅଗ୍ନିଶମ ବିଭାଗର କେନ୍ଦ୍ରାଧ୍ୟକ୍ଷ ସରୋଜ କୁମାର ଭୂତିଆ ଓ ଅଗ୍ନୀଯୋଦ୍ଧା ରୁଦ୍ର ପ୍ରସାଦ ବାରିକ, ରାମକୃଷ୍ଣ ଗୌଡ଼, ଶ୍ୟାମ ଲାଲ ଗଣ୍ଡ, ସୁଶାନ୍ତ କୁମାର ପଣ୍ଡା, ଅଜୟ ହରିଜନ । ଏହାପରେ ପତକା ଅବତରଣ ରାଜ୍ୟ ସାଧାନକର୍ମୀଙ୍କ ଦ୍ୱାରା ହୋଇଥିଲା।

# ମହିଳା ସଶକ୍ତିକରଣ ପାଇଁ ସ୍ୱୟଂସିଦ୍ଧା ଶୁଭାରମ୍ଭ

ସମ୍ବଲପୁର,୧୯/୧୨ (ନି.ପ୍ର): ଉଦୟ ଏ. କାଓଲେ, ଅଧ୍ୟକ୍ଷ-ସହ-ପ୍ରବନ୍ଧ ନିର୍ଦ୍ଦେଶକ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ଆଜି ସ୍କୋପ୍‌ର ଡବ୍ଲୁଆଇପିଏସ, ଏମ୍‌ସିଏଲ୍ ଦ୍ୱାରା ମହିଳା ସଶକ୍ତିକରଣ ପଦକ୍ଷେପ 'ସ୍ୱୟଂସିଦ୍ଧା'କୁ ଉଦଘାଟନ କରି ଏହା ଏକ ଅଭିନବ ପଦକ୍ଷେପ ବୋଲି କହିଛନ୍ତି। କାର୍ଯ୍ୟକ୍ରମର ପରିକଳ୍ପନା ଏବଂ ସଫଳ ଆୟୋଜନ ପାଇଁ ସି. ବି. ସ୍ମିତା, ସମନ୍ୱୟକ, ଡବ୍ଲୁଆଇପିଏସ୍, ଏମ୍‌ସିଏଲ୍ ଓ ତୁଳିକା ବିଶ୍ୱାସ, ସାଧାରଣ ସଚିବ, ଡବ୍ଲୁଆଇପିଏସ୍, ଏମ୍‌ସିଏଲ୍ ପ୍ରୟାସକୁ ପ୍ରଶଂସା କରି ସେ କହିଲେ ଯେ, "ସ୍ୱୟଂସିଦ୍ଧା" ପରି କାର୍ଯ୍ୟକ୍ରମ ମହିଳାମାନଙ୍କୁ ମୌଳିକ ଡ୍ରାଇଭିଂ, ବିଦ୍ୟୁତ ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବହାରିକ କୌଶଳ ସହିତ ଆବଶ୍ୟକ ଜୀବନ ଓ କୌଶଳ-ଆଧାରିତ ପ୍ରଶିକ୍ଷଣ ପ୍ରଦାନ କରି, ସେମାନଙ୍କୁ ଅଧିକ ସ୍ୱୟଂନିର୍ଭର କରେ ଏବଂ ଅନ୍ୟମାନଙ୍କ ଉପରେ ନିର୍ଭରତା କମାଏ। ସେ ସମାଜରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି କହିଥିଲେ ଯେ ମହିଳାମାନେ କେବଳ ପରିବାର ଓ କାର୍ଯ୍ୟସ୍ଥଳରେ ନୁହେଁ, ବରଂ ଏକ ପ୍ରଗତିଶୀଳ ଓ ସମାବେଶୀ ସାମାଜିକ ପରିବେଶ ଗଢ଼ିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖନ୍ତି।

କାର୍ଯ୍ୟକ୍ରମରେ ନେକ୍ସସ୍ ପାୱାର୍‌ର ନିକିତା ବାଲିଆରସିଂହ ଓ ନିଶିତା ବାଲିଆରସିଂହ ଉଦ୍ୟମିତା, ନେତୃତ୍ୱ ଓ ଆତ୍ମବିଶ୍ୱାସ ବିଷୟରେ ମୂଲ୍ୟବାନ ଅନୁଭବ ବର୍ଣ୍ଣନା କରି ଉଚ୍ଚ ଲକ୍ଷ୍ୟ ହାସଲ ପାଇଁ ପ୍ରଥମେ ମୌଳିକ କୌଶଳକୁ ସୁଦୃଢ଼ କରିବା ଆବଶ୍ୟକ, କାରଣ ସେଗୁଡ଼ିକ ଆତ୍ମବିଶ୍ୱାସ, ସ୍ୱାଧୀନତା ଓ ଦୀର୍ଘକାଳୀନ ସଫଳତାର ଆଧାର ବୋଲି କହିଥିଲେ। ସେମାନେ ନେକ୍ସସ୍ ପାୱାର୍‌ର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରି କୃଷି ଫସଲ ଅବଶିଷ୍ଟରୁ ତିଆରି ପରିବେଶ-ମିତ୍ର, ଜୀବ-ଅବକ୍ଷୟଶୀଳ ବ୍ୟାଟେରୀ ଉନ୍ନୟନରେ ଅଗ୍ରଣୀ ଭୂମିକା ରହିଛି ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମରେ ଏମସିଏଲର ନିର୍ଦ୍ଦେଶକ କେଶବ ରାଓ, ସିଭିଓ ପ୍ରଣବ କୁମାର ପଟେଲ୍, ଜାଗୃତି ମହିଳା ମଣ୍ଡଳ ର ଉପାଧ୍ୟକ୍ଷା ଶ୍ରୀମତୀ ରାଶ୍ମି ବେହୁରା ଏବଂ ଶ୍ରୀମତୀ ଶଶିକଳା ଝାଙ୍କ ସମେତ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

ଏଥିରେ ଏକ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା। ସମାଜରେ ମହିଳାମାନଙ୍କ ଶକ୍ତି, ସହନଶୀଳତା ଓ ବହୁମାତ୍ରିକ ଭୂମିକାକୁ ସୃଜନାତ୍ମକ ଭାବେ ପ୍ରଦର୍ଶିତ କରାଯାଇଥିଲା। ଯାହାକୁ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କ ଠାରୁ ବ୍ୟାପକ ସ୍ୱୀକୃତି ମିଳିଥିଲା।

## କନ୍ଧମାଳ ମହୋତ୍ସବ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସ୍ୱତନ୍ତ୍ର ବୈଠକ

କନ୍ଧମାଳ,୧୯/୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୨୦୨୬ରେ ଫୁଲବାଣୀରେ ହେବାକୁ ଯାଉଛି କନ୍ଧମାଳ ଜିଲ୍ଲା ସ୍ତରୀୟ କନ୍ଧମାଳ ମହୋତ୍ସବ । ଏହି ମହୋତ୍ସବ ଜାନୁଆରୀ ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପି ଅନୁଷ୍ଠିତ ହେବା ନେଇ ଏହାର ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି । ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚ ପଦାଧିକାରୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଓ ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ହୋଇଛି ବିଭିନ୍ନ ବିଭାଗର କମିଟି । ଉକ୍ତ ମହୋତ୍ସବର ମୁଖ୍ୟ ଆକର୍ଷଣ ହେଉଛି ସାଂସ୍କୃତିକ କାର୍ଯ୍ୟକ୍ରମ । ଏନେଇ ବସିଲା ସ୍ୱତନ୍ତ୍ର ଆଲୋଚନାମୂଳକ ବୈଠକ । ଏହି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଗଦାଧର ପାତ୍ର, ପ୍ରକଳ୍ପ ପ୍ରଶାସକ ମୁଖ୍ୟ ଉନ୍ନୟନ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କନ୍ଧମାଳର ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା କନ୍ଧମାଳର ପ୍ରବୀଣ କୁମାର ବାଣୁଆ, ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାଶଙ୍କ ସମେତ କଣ୍ଠଶିଳ୍ପୀ ଅସିତ ନନ୍ଦ, କଣ୍ଠଶିଳ୍ପୀ ଜଳନ୍ଧର ବେହେରା, ସାମ୍ବାଦିକ ଅଶୋକ ମହାନ୍ତି, ଡ୍ୟାନ୍ସ ଏକାଡେମୀର ସମ୍ପାଦକ ସରୋଜ ପାତ୍ର ଓ ସଭାପତି ରବୀନ୍ଦ୍ର ଷଡ଼ଙ୍ଗୀ, ବୀରେନ୍ଦ୍ର କହଁର ପ୍ରମୁଖଙ୍କ ସହ ଅନ୍ୟ କଳାକାର ମାନଙ୍କ ଉପସ୍ଥିତିରେ ଆଲୋଚିତ ହୋଇଥିଲା । ଜିଲ୍ଲାର ପ୍ରତି ବ୍ଲକରୁ ଦୁଇଟି ଦଳ, ପୌର ପରିଷଦରୁ ତିନୋଟି ଦଳ ଓ ଜିଲ୍ଲା ବାହାରୁ ଦୁଇଟି ଦଳ ରାଜ୍ୟ ବାହାରୁ ଗୋଟିଏ ଦଳ ପରିବେଷଣ କରିବା ପାଇଁ ଆଲୋଚନା ହୋଇଥିଲା ।

# ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଧାୟକଙ୍କ ଦରମା ଏବଂ ଭତ୍ତା ଓ ପେନସନ୍ ବିଲ୍‌କୁ ପ୍ରତ୍ୟାହାର ଦାବିରେ ସିପିଆଇଏମ ପକ୍ଷରୁ ସଭା

ଭଦ୍ରକ,୧୯/୧୨ (ନି.ପ୍ର): ଆମ ରାଜ୍ୟରେ ଭୟଙ୍କର ବେକାରୀ, ଉତ୍କଟ ଦାରିଦ୍ର୍ୟ, ସାଂଘାତିକ କୃଷି ସଂକଟ, ଚାଷୀ ଆତ୍ମହତ୍ୟା, ଶ୍ରମିକ ର ନିମ୍ନତମ ମଜୁରୀ, କ୍ରମ ବର୍ଦ୍ଧିଷ୍ଣୁ ଶିଶୁ ଓ ଗର୍ଭବତୀ ମହିଳାଙ୍କ ମୃତ୍ୟୁହାର, ବନ୍ୟା ବାତ୍ୟା ମରୁଡି ଯୋଗୁଁ କୃଷି ଅର୍ଥନୀତିର ସଂକଟ, ଅତ୍ୟାବଶ୍ୟକ ସାମଗ୍ରୀର ଆକାଶ ଛୁଆଁ ଦରବୃଦ୍ଧି ଆଦି ବହୁ ସମସ୍ୟା ସଂପର୍କରେ ଓଡିଶା ବିଧାନସଭାରେ ଆଲୋଚନା ହୋଇ ସ୍ଥାୟୀ ପ୍ରତିକାର ହେବା ପାଇଁ ବ୍ୟୟବରାଦ ହେବା ପରିବର୍ତେ ଜନପ୍ରତିନିଧି ମାନଙ୍କ ଦରମା, ଭତା ଓ ପେନସନ୍ ବୃଦ୍ଧି କରିବା ବିଲ୍ କୁ ଆମ ରାଜ୍ୟର ସମସ୍ତ ପୁଞ୍ଜିବାଦୀ ଦଳ ଯଥା ବିଜେପି, କଂଗ୍ରେସ ଓ ବିଜେଡି ର ବିଧାୟକ ମାନେ ସମର୍ଥନ କରିବା ଏକ ବିଡମ୍ବନାର ବିଷୟ ବୋଲି ସିପିଆଇଏମ ପକ୍ଷରୁ ଭଦ୍ରକ ଷ୍ଟେଟବ୍ୟାଙ୍କ ଛକଠାରେ ଅନୁଷ୍ଠିତ ସଭାରେ ସିପିଆଇ(ଏମ) ନେତୃତ୍ୱ ପ୍ରକାଶ କରିଛନ୍ତି । ଭାରତୀୟ ସମ୍ବିଧାନର ଧାରା- ୨୦୦ ଉପଧାରା- ୩ ର ପ୍ରାବଧାନ ଅନୁଯାୟୀ ରାଜ୍ୟପାଳ ଏହି ବିଲକୁ ପୁନଃ ବିଚାର ପାଇଁ ବିଧାନସଭା କୁ ଫେରାଇ ଦେବାକୁ ସିପିଆଇ(ଏମ) ନେତୃବୃନ୍ଦ ଦାବି କରିଛନ୍ତି । ଜନତାଙ୍କ ସେବା କରିବା ପାଇଁ ବ୍ୟାକୁଳ ହେଉଥିବା ବିଧାୟକ ମାନେ ନିଜ ନିଜର ଦରମା ଭତା ଓ ପେନସନ୍ ବୃଦ୍ଧି ପାଇଁ ନିର୍ଲଜ ଭାବେ ଆଣିଥିବା ବିଲକୁ ରାଜ୍ୟ ର ବିଜେପି ସରକାର ତୁରନ୍ତ ପ୍ରତ୍ୟାହାର କରିବାକୁ ସିପିଆଇଏମ ଦାବି କରିଛି । ୨୦୦୨ ମସିହାରେ ବିଧାୟକ ମାନଙ୍କ ଦରମା ଓ ଭତା ବୃଦ୍ଧି ପାଇଁ ନବୀନ ପଟ୍ଟନାୟକ ସରକାର ଆଣିଥିବା ବିଲ୍ କୁ ବିଧାନସଭାରେ ନିଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ରୁ ପ୍ରତିନିଧିତ୍ୱ କରୁଥିବା ସିପିଆଇ(ଏମ) ର ତତ୍କାଳୀନ ବିଧାୟକ ପ୍ରଦୀପ୍ତ ପଣ୍ଡା ବିରୋଧ କରିଥିବା ବେଳେ ବର୍ତମାନର ବଣେଇ ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ସିପିଆଇ(ଏମ) ବିଧାୟକ କମ୍ରେଡ ଲକ୍ଷ୍ମଣ ମୁଣ୍ଡା ତୀବ୍ର ବିରୋଧ କରୁଛନ୍ତି । ରାଜ୍ୟ ସରକାର ଏହି ଜନବିରୋଧି ରାଜ୍ୟ ରାଜକୋଷକୁ ଲୁଣ୍ଠନ ପାଇଁ ଉଦ୍ଦିଷ୍ଟ ଜନପ୍ରତିନିଧି ଦରମା, ଭତା ଓ ପେନସନ୍ ବିଲ୍ କୁ ପ୍ରତ୍ୟାହାର ନକଲେ ଜିଲ୍ଲା ବ୍ୟାପି ଆନ୍ଦୋଳନ ତୀବ୍ର ହେବ ବୋଲି ସିପିଆଇ(ଏମ) ନେତୃତ୍ୱ ପ୍ରକାଶ କରିଛନ୍ତି । ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଭାସ ମହାପାତ୍ର, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କାଳନ୍ଦୀ ପାତ୍ର, ଗିରିଧାରୀ ନାଥ, ସେକ୍ ସନାଉଲ୍ଲା, ଜୟନୂଲ ଆବେଦିନ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ଯୁବନେତା ପ୍ରତାପ ସେଠୀ, ଯୁବନେତା ବିପ୍ଳବ ଯେନା, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଶ୍ରମିକ ନେତା ସେକ୍ ସିଞ୍ଚୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏହି ବିଲକୁ ଫେରାଇ ଦେବାକୁ ଦାବି କରିଥିଲେ ।

# ଉଣେଇଶତମ ଚନ୍ଦ୍ରକାନ୍ତି ମେମୋରିଆଲ ବାର୍ଷିକ କ୍ରୀଡ଼ା

ବଲାଙ୍ଗୀର,୧୯/୧୨ (ନି.ପ୍ର): ଆଜି ପୁଇଁତଲା ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ବିଦ୍ୟାଳୟ, ବନ୍ଧପଡାଠାରେ ଉଣେଇଶତମ ଚନ୍ଦ୍ରକାନ୍ତି ମେମୋରିଆଲ ବାର୍ଷିକ କ୍ରୀଡାର ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ପୂର୍ବତନ ଖେଳ ଶିକ୍ଷକ ପ୍ରବୀଣ ନାରାୟଣ ପଣ୍ଡା ଉତ୍ସବର ଲକ୍ଷ୍ୟ ତଥା ବିବରଣୀ ପାଠ କରିଥିଲେ। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମିର୍ଦ୍ଧାପାଲିର ପ୍ରଧାନ ଶିକ୍ଷକ ସରୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ କ୍ରୀଡା ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ଅଭିବୃଦ୍ଧି ପାଇଁ ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ। ଗ୍ରାମର ବରିଷ୍ଠ ନାଗରିକ ମିତ୍ରଭାନୁ ପଧାନ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଅନ୍ତର୍ନିହିତ ଗୁଣର ବିକାଶ, ପରିବେଶକୁ ସ୍ୱଚ୍ଛ ରଖିବା ଉପରେ ଛାତ୍ର ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି ନିର୍ମଳ ରଣା ପାଠ ପଢ଼ା ସହ ଖେଳିବା, ପୁଇଁତଲା ବ୍ଲକର ଉପାଧ୍ୟକ୍ଷ୍ୟା ନୀରିମା ଅମାତ ଯୋଗ ଦେଇ ଛତ୍ରଛାତ୍ରୀମାନେ ଶୃଙ୍ଖଳା ଓ ସମୟାନୁବର୍ତୀ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ରାଧେଶ୍ୟାମ ଗୁରୁ ବାପା ମାଆ ମାନଙ୍କର ଉପଦେଶ ମାନିବାକୁ କହିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବଡ଼ପଣ୍ଡା ଶୃଙ୍ଖଳା ଓ ସମୟାନୁବର୍ତିତା ରହିବା ସହ ସ୍ୱାସ୍ଥ୍ୟକୁ ଠିକ ରଖିବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ନୀଳାମ୍ବର ନନ୍ଦ, ଶିକ୍ଷୟିତ୍ରୀ ଶ୍ରୀମକ୍ଷସୂତା ମଲ୍ଲିକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ହରିବୋଲ ପଧାନ , ଗଜିନ୍ଦ୍ର ନାଇକ, ଗଜିନ୍ଦ୍ର ସୁନା ସଭା କାର୍ଯ୍ୟରେ ସହଯୋଗ କରିଥିଲେ। ବାଳକ ଓ ବାଳିକା ବର୍ଗରେ ଆଠଟି ଲେଖାଏଁ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିବୃନ୍ଦ ବିଜୟୀ ହୋଇଥିବା ପ୍ରତିଯୋଗୀମାନଙ୍କୁ ମେଡାଲ ସହ ପ୍ରମାଣପତ୍ର ଦେଇ ଉତ୍ସାହିତ କରିଥିଲେ। ବାଳିକା ବିଭାଗରେ ସୁଷମା ପଧାନ ଓ ବାଳକ ବିଭାଗରେ ଓମ ପ୍ରକାଶ ନାଇକ ବିଜୟୀ ହୋଇ ଚମ୍ପିୟାନସ ଟ୍ରଫି ଅତିଥିମାନଙ୍କ ଠାରୁ ଗ୍ରହଣ କରିଥିଲେ। ସମାଜସେବୀ ଅଜିତ କୁମାର ଗୁରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଓ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ଅପର୍ଣ୍ଣା ପଟେଲ।

# ସେରେଣ୍ଡାଠାରେ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କେନ୍ଦୁଝର,୧୯/୧୨ (ନି.ପ୍ର): ଯୋଡ଼ା ବ୍ଲକ ଅନ୍ତର୍ଗତ ସେରେଣ୍ଡା ଫୁଟବଲ ପଡିଆରେ ଗତ ୧୫ ତାରିଖ ଠାରୁ ଆୟୋଜିତ ନକଆଉଟ ଫୁଟବଲ ଟୁର୍ନାମେଂଟ ଆଜି ଉଦଯାପିତ ହୋଇଯାଇଛି। ବଡ଼ବିଲ ଏସ ଡି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଂଟକୁ ଉଦଘାଟନ କରିଥିଲେ। ଟୁର୍ନାମେଂଟର ଦ୍ୱିତୀୟ ଦିନରେ କେନ୍ଦୁଝର ସାଂସଦଙ୍କ ବଡ଼ବିଲ ପ୍ରତିନିଧି ନୀଳମଣି ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଂଟର ଉଦଯାପନୀ ଉତ୍ସବରେ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତି, ଯୋଡ଼ା ବ୍ଲକ ସାଂସଦ ପ୍ରତିନିଧି ଅଗନୁ ଚରଣ ମହାନ୍ତ ସଂମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରାସାହି ମଣ୍ଡଳ ବିଜେପି ସଭାପତି କ୍ଷୀରୋଦ ଚନ୍ଦ୍ର ମହାନ୍ତ, ପୂର୍ବତନ ସେରେଣ୍ଡା ଗ୍ରାମ ପଂଚାୟତ ସରପଂଚ ସଂଗୀତା ଚାତମ୍ବା ଓ ନାରୀନେତ୍ରୀ ନମିତା ବାରିକ ପ୍ରମୁଖ ମଂଚାସିନ ଥିଲେ। ଏହି ଟୁର୍ନାମେଂଟରେ ମୋଟ ୧୫ ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ। ତ୍ରିନାଥ -୧୧ ଓ ପର୍ଶୁରାମ ଫୁଟବଲ କମିଟି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟାଚ ଡ୍ର ହେବା ପରେ ଟସ୍ ମାଧ୍ୟମରେ ତ୍ରିନାଥ ୧୧ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ବିଜେତା ଦଳକୁ ୮୦ ହଜାର ଟଙ୍କା ସହ ଟ୍ରଫି ଓ ଉପ-ବିଜେତା ଦଳକୁ ନଗଦ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଂଟର ମୁଖ୍ୟ ପରିଚାଳକ ଅମ୍ବଜ ସତପଥି, ଭାଗବତ ପଲେଇ, ଅରବି ବିନ୍ଦ ମହାକୁଡ଼ ସମେତ ସମସ୍ତ ସଦସ୍ୟ ଟୁର୍ନାମେଂଟ ପରିଚାଳନା ସହଯୋଗ କରିଥିଲେ।

# ଯୌତୁକ ନିଷେଧ ଅଧିନିୟମ ଉପରେ ତାଲିମ ଶିବିର ଅନୁଷ୍ଠିତ

ନୂଆପଡା,୧୯/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ନୂଆପଡା ଆନୁକୁଲ୍ୟରେ ଆଜି ନୂଆପଡ଼ା ସଦଭାବନା ସଭା ଗୃହଠାରେ ଯୌତୁକ ନିଷେଧ ଅଧିନିୟମ- ୧୯୬୧ ସମ୍ପର୍କିତ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ । ଯୌତୁକ ଭଳି ଘୃଣ୍ୟ ପ୍ରଥାକୁ ସମାଜରେ ରୋକିବା ସହ ମାନସିକ ସ୍ତରରେ ଏବଂ ସାମାଜିକ ବ୍ୟବସ୍ଥାରେ ପରିବର୍ତନ ଆଣିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ. ଗୀତା ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ସମ୍ଭାଷଣ ଦେଇଥିଲେ ଏବଂ ତାଲିମ ଶିବିରର ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ । ଏହି ତାଲିମ୍ ଶିବିରରେ ଡିଏଲଏସଏ ସେକ୍ରେଟାରୀ ନବନୀତା ଦାଶ, ସିଡିଏମଓ ଡଃ. ଧନେଶ୍ୱର ସେଠୀ, ସିଡ଼ବଲ୍ୟୁସି ଅଧ୍ୟକ୍ଷ ଡଃ. ଫଣୀନ୍ଦମ ଦେଓ, ଓକିଲ ନାରାୟଣ ପ୍ରସାଦ ଯୋଶୀ, ଡଃ. ଉମାକାନ୍ତ ମେହେର, ମହିଳା ଓ ସୁରକ୍ଷା ଅଧିକାରୀ ମଞ୍ଜୁଲତା ଶୁକ୍ଲା, ଜିଲ୍ଲା ସଂଯୋଜକ, ମହିଳା ସଶକ୍ତି କେନ୍ଦ୍ର ଆଶିଷ ରଞ୍ଜନ ଖମାରି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯୌତୁକ ନିଷେଧ ଅଧିନିୟମର ଲକ୍ଷ୍ୟ, ଉଦ୍ଦେଶ୍ୟ, ସଂଶୋଧନ, ବ୍ୟବସ୍ଥା ସହିତ ଯୌତୁକ ନିଷେଧ ଅଧିକାରୀ ଓ ପୋଲିସର ଭୂମିକା ଏବଂ କର୍ତବ୍ୟ, ଏଫ୍‌ଆଇଆର୍ ରୁଜ୍ଜୁ, ଆରୋପ ପତ୍ର ଦାଖଲ, ନ୍ୟାୟିକ ପ୍ରକ୍ରିୟା, ମହିଳା ସଶକ୍ତିକରଣ ପାଇଁ ସଚେତନତା ଓ ରଣନୀତି ପ୍ରସ୍ତୁତ, ପୀଡିତାଙ୍କୁ ଦିଆଯାଉଥିବା ସୁରକ୍ଷା, ସହାୟତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଇତ୍ୟାଦି ଉପରେ ଅଧିକାରୀ ମାନେ ଆଲୋକପାତ କରିଥିଲେ । ସମାଜରୁ କିପରି ଭାବରେ ଯୌତୁକକୁ ବନ୍ଦ କରାଯାଇ ପାରିବ ସେ ଉପରେ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ବୁଝାଇ ଥିଲେ।

ଏହି ତାଲିମ୍ ଶିବିରରେ ସମସ୍ତ ଏଏନସି ନିର୍ବାହୀ ଅଧିକାରୀ, ବିଭିନ୍ନ କଲେଜ ଅଧ୍ୟକ୍ଷ, ବିବାହ ପଞ୍ଜିକରଣ ଅଧିକାରୀ, ବିଡିଓ କୋମନା, ସମସ୍ତ ପ୍ରୋଗ୍ରାମ ଅଫିସର, ସମସ୍ତ ସିଡିପିଓ, ପୋଲିସ ଅଧିକାରୀ , ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଏନଜିଓ କର୍ମକର୍ତା, ଡିଏଲଏଫ ଓ ବିଏଲଏଫ ର ସେକ୍ରେଟାରୀ, ବିଭିନ୍ନ ସଂପ୍ରଦାୟର ଧର୍ମଗୁରୁ, ସଖି ସେଂଟର କାର୍ଯ୍ୟକର୍ତା, ଶକ୍ତି ସଦନ କାର୍ଯ୍ୟକର୍ତା, ପରିବାର ପରାମର୍ଶ କେନ୍ଦ୍ର ଅଧିକାରୀ, ପିଏଲଭି ଯୋଗ ଦେଇଥିଲେ । ଏହି ତାଲିମ୍ ଶିବିର ପରିଚାଳନାରେ ମହିଳା ସଶକ୍ତି କେନ୍ଦ୍ରର ନାରଦ ଛତର, ସଞ୍ଜୟ ବନ୍ଦିଛୋର, ଇସ୍ମିତା ରାଜପୁତ, ରମାକାନ୍ତ ସେଠୀ ଓ ଏବଂ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ସଂଯୋଜକ ଆଶିଷ ରଞ୍ଜନ ଖମାରି ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁଶାସନ ଦିବସ ପାଳନ ନିମିତ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ,୧୯/୧୨ (ନି.ପ୍ର): ପୁରୀ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଓ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ଚଳିତ ମାସ ୨୫ ତାରିଖରେ ପାଳିତ ହେବ। ଏହି ଦିବସକୁ ସୁଚାରୁ ରୂପେ ଓ ଶୃଙ୍ଖଳିତ ଭାବେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଗତବର୍ଷ ଠାରୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହାକୁ ପୂର୍ବାପେକ୍ଷା ଅଧିକ ସୁନ୍ଦର ଭାବେ ପାଳନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ନିଷ୍ଠାର ସହ ଉପଯୁକ୍ତ ସମୟ ସୀମା ମଧ୍ୟରେ ତାହାକୁ ପୂର୍ଣ୍ଣାଙ୍ଗ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ନିଷ୍ପତି ଅନୁସାରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଡିସେମ୍ବର ୨୫ ତାରିଖ ପୂର୍ବାହ୍ନ ସମୟରେ ସୁଶାସନ ଦିବସ ଓ ବାଜପେୟୀଙ୍କ ଜୟନ୍ତୀ ପାଳିତ ହେବ। ମହାପ୍ରଭୁଙ୍କ ଫଟୋ ଚିତ୍ର ଓ ବାଜପେୟୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହେବ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ। ବିଦ୍ୟୁତ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ୱାଟକୋ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ପୌରପାଳିକା ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପୋଲିସ ବିଭାଗ ପକ୍ଷରୁ ଶୃଙ୍ଖଳାରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟ ସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ଏହା ଆୟୋଜନ କରାଯିବ ଓ ଏହାକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ ପାଇଁ ସେ ଅନୁରୋଧ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରିଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଷ୍ଟା ବଲାଙ୍ଗୀର ବ୍ଲକସ୍ତରୀୟ ଶିଶୁ ମେଳା ଖୁଜେନ ପାଲିରେ ଅନୁଷ୍ଠିତ

ବଲାଙ୍ଗୀର,୧୯/୧୨ (ନି.ପ୍ର): ବଲାଙ୍ଗୀର ବ୍ଲକ୍ ଭଗବାନ ବିଦ୍ୟାମନ୍ଦିର ଖୁଜେନପାଲି ଠାରେ ବ୍ଲକ ସ୍ତରୀୟ ଓଷ୍ଟା ତରଫରୁ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଓଷ୍ଟା ବ୍ଲକ ସଭାପତି ସୁରେଶ ଷଡଙ୍ଗିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନି ଉତ୍ସବରେ ମୁଖ୍ୟ ଅତିଥି ବଲାଙ୍ଗୀର ଗୋଷ୍ଠି ଶିକ୍ଷା ଅଧିକାରୀ, ନୀଳମଣି ପଟେଲ, ସମ୍ମାନିତ ଅତିଥି ଭାବରେ ରାଜ୍ୟ ଓଷ୍ଟା ଉପ-ସଭାପତି ସୁଧିର କୁମାର ନାଏକ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ କୁମାର ସାହୁ, ଓଷ୍ଟା ଜିଲ୍ଲା ସଂପାଦକ ଶଙ୍କର ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ୧୮ଟି ଉଚ୍ଚ ବିଦ୍ୟାଳୟର ୧୩୦ ଜଣ ଛାତ୍ର ଛାତ୍ରୀ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବ ଓଷ୍ଟା ଜୋନ ସଭାପତି ସୁରେଶ କୁମାର ଷଡଙ୍ଗୀ ସଭାପତିତ୍ୱରେ ଭଗବାନ ବିଦ୍ୟା ମନ୍ଦିର, ଖୁଜେନପାଲି ପରିଚାଳନା ସମିତିର ସଭାପତି ଯୁଧିଷ୍ଠିର କୁମାର ସିଂହ ମୁଖ୍ୟ ଅତିଥି, ଖୁଜେନପାଲି ପଂଚାୟତ ର ସରପଂଚ ରଞ୍ଜିତା ପାଣିଗ୍ରାହି ସମ୍ମାନୀତ ଅତିଥି, ସୁଧିର କୁମାର ନାଏକ ସମ୍ମାନିତ ଅତିଥି ଶଙ୍କର ପ୍ରସାଦ ମିଶ୍ର, ଓଷ୍ଟା ବ୍ଲକ ସଂପାଦକ ସଂଜୟ କୁମାର ତ୍ରିପାଠୀ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ତର୍କରେ ଜୟେଲ କୁମାର, କଣ୍ଠ ସଙ୍ଗୀତରେ ଚାନ୍ଦିନୀ ଧରେ, ଚିତ୍ରାଙ୍କନରେ ସୌମ୍ୟ ରଞ୍ଜନ ସାହୁ, ଆବୃତିରେ ମନୀଷା ସାହୁ, ଗଳ୍ପ ଲିଖନରେ କାୟଲ ମହାକୁରର, କବିତା ରଚନାରେ ଅଞ୍ଜନ କୁମାର ସା, ଏକକ ନୃତ୍ୟ ରେ ଶର୍ମିଷ୍ଠା ସାହୁ, ଏକକ ଅଭିନୟରେ ଖୁସି ତାଣ୍ଡି, ସାଧାରଣ ଜ୍ଞାନରେ ପ୍ରଞ୍ଜଲ ହୋତା, କୁଇଜରେ ମଧବୀ ରାଉତ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଶେଷରେ ସୁରେନ୍ଦ୍ର କୁମାର ନାଥ ଓ ଲଲାଟ କେଶରୀ ପ୍ରଧାନ କ୍ରମାନ୍ୱୟରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜମିବାଡିକୁ କେନ୍ଦ୍ର କରି ନାତିର ଗାଡି ଧକ୍କାରେ ଜେଜମା ମୃତ

କୋରେଇ,୧୯/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ଖାନ୍ଦରାପୁର(ସିଂଗଡା ଗ୍ରାମରେ ନାତିର ଗାଡି ଧକ୍କାରେ ଜେଜେମାର ମୃତ୍ୟୁ ଘଟିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଯାହାକୁ ନେଇ ସମଗ୍ର ଅଂଚଳରେ ଏହା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଏ ଘଟଣାରେ ପୁଲିସ ଅଭିଯୁକ୍ତର ବାପା ଓ ସାନଭାଇକୁ ଥାନାକୁ ଆଣି ତଦନ୍ତ ଚଳାଇଛି । ପ୍ରକାଶଯେ ସିଂଗଡା ଗ୍ରାମର ୪ ଫୋଇନ ସାହୁ ଓ ତାଙ୍କ ସ୍ତ୍ରୀ କୁଳି ସାହୁଙ୍କ ଏକମାତ୍ର ପୁତ୍ର ନାରାୟଣ ସାହୁଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା । ନାରାୟଣ ତାଙ୍କ ବାପ ଓ ମାଙ୍କୁ ଖାଇବାକୁ ନଦେଇ ନାନାଦି ଅତ୍ୟାଚାର କରୁଥିଲେ । ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନିତାଙ୍କ ନାମରେ କରିଥିଲେ । ଫୋଇନର ମୃତ୍ୟୁ ପରେ କୁଳି ଅଧିକ ନିର୍ଯ୍ୟାତନାର ଶିକାର ହୋଇ ଝିଅ ଘରେ ଯାଇ ରହୁଥିଲେ । ଏହି ମାମଲାକୁ କେନ୍ଦ୍ର କରି ଥାନାରେ ମାମଲା ହୋଇଥିଲା । ଯେଉଁଥି ପାଇ ମା ଓ ଝିଅ ଆଜି ଗାଁକୁ ଆସିଥିଲେ । ଆଜି ଅପରାହ୍ନ ୪ଟା ୨୦ ମିନିଟ ସମୟରେ ୧୬ ନମ୍ବର ଜାତୀୟ ରାଜପଥ ସିଂଗଡା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ମା ଓ ଝିଅ ଯାଉଥିବା ବେଳେ ନାରାୟଣଙ୍କ ବଡ ପୁଅ କାର୍ତିକ ଏକ ପିକଅପ (ଓଡି ୦୪ଇ୮୫୪୭) ନେଇ କୁଳିକୁ ଧକ୍କା ଦେଇଥିବା ବେଳେ ଅନିତା ହେଇଁ ପଡି ଅଳ୍ପକେ ବର୍ତି ଯାଇଥିଲା । ଫଳରେ ଘଟଣାସ୍ଥଳରେ କୁଳିର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଘଟାଇ ପିକଅପଟି ଫେରାର ହୋଇଯାଇଥିଲା । ଖବରପାଇ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ପହଂଚି ରାଜପଥ ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ ଯାଜପୁର ମୁଖ୍ୟ ଚିକତ୍ସାଳୟକୁ ପଠାଇଥିଲେ । ଅପରପକ୍ଷେ ପୁଲିସ ଘଟଣାସ୍ଥଳକୁ ଯାଇ ଦୁର୍ଘଟଣାର କାରଣ ଖୋଜିବା ସହ ଦୁର୍ଘଟଣା ସ୍ଥାନର ସିସିଟିଭି ଫୁଟେଜ ଯାଂଚ କରିଛି । ବାପ ପୁଅ ମିଶି ସମ୍ପତି ଲୋଭରେ ମାକୁ ଷଡଯନ୍ତ୍ର କରି ମାରିଦେଇଥିବାର ଅଭିଯୋଗ କରିଛନ୍ତି ଅନିତା । ନରହନ୍ତା ନାତି ଫେରାର ହୋଇଯାଇଥିବା ବେଳେ ନାରାୟଣ ଓ ତାର ସାନପୁଅ ଗଣେଷକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଛି । ସମ୍ପତି ପାଇଁ ପରିବାର ଲୋକ ଏଭଳି ନାରକୀୟ କାଣ୍ଡ ଘଟାଇଥିବା ସ୍ଥାନୀୟ ଅଂଚଳରେ ଆଲୋଚନାର ବିଷୟ ପାଲଟିଛି ।

# ସୀମାନ୍ତ ଗ୍ରାମୀଣ ମହୋତ୍ସବ ଓ ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର, ୧୯/୧୨ (ନି.ପ୍ର): ସୀମାନ୍ତ ଗ୍ରାମୀଣ ମହୋତ୍ସବ ଓ ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବର ପାଇଁ ଆଜି ଅପରାହ୍ନ ୪ ଘଟିକା ସମୟରେ ମହୋତ୍ସବ ପଡ଼ିଆରେ ଏକ ସାମ୍ବାଦିକ ସମ୍ମିଳନୀ ମହୋତ୍ସବ କମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।୨୧ ତାରିଖ ଠାରୁ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସୀମାନ୍ତ ଗ୍ରାମୀଣ ମହୋତ୍ସବର ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି । ୨୧ତାରିଖ ଅପରାହ୍ନ ୩ ଘଟିକାରେ ଷ୍ଟେସନ ବଜାର କାଳୀ ମନ୍ଦିର ଠାରୁ ଓଡ଼ିଶା ଏବଂ ଓଡ଼ିଶା ବାହାରର ବିଭିନ୍ନ ସାଂସ୍କୃତିକ ଦଳକୁ ନେଇ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସହର ପରିକ୍ରମା କରି ମେଳା ପଡ଼ିଆରେ ପହଞ୍ଚିଲା ପରେ ସନ୍ଧ୍ୟା ୬ ଘଟିକା ସମୟରେ ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଉଦ୍ଘାଟକ ପଦ୍ମଶ୍ରୀ ପ୍ରଭାକର ମହାରଣା ଉଦ୍ଘାଟନ କରିବେ ବୋଲି ଜଣା ପଡିଛି । ଉକ୍ତ ଉତ୍ସବରେ ବିଶିଷ୍ଟ ଅତିଥିମାନେ ଯୋଗଦେବେ ।୦୧/୦୧/୨୦୨୬ ତାରିଖରେ ମେଳା ପଡିଆରେ ହରିନାମ ସଙ୍କୀର୍ତ୍ତନ, ରକ୍ତଦାନ ଶିବିର ଏବଂ ମଧାହ୍ନ ୧୧ଟା ରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଅଛି ।ଏହି ୧୨ ଦିନର କାର୍ଯକ୍ରମ ରେ ବିଶିଷ୍ଟ ରାଜନୈତିକ ବ୍ୟକ୍ତିତ୍ୱ ସାମାଜିକ କର୍ମୀ ଓ ସଂସ୍କୃତି ପ୍ରେମୀ ମାନେ ଯୋଗ ଦେବାର କାର୍ଯକ୍ରମ ରହିଅଛି ।ତତସହିତ ଓଡ଼ିଶା ଓ ଓଡ଼ିଶା ବାହାରର ସାଂସ୍କୃତିକ ଦଳ ତାଙ୍କର ପ୍ରତିଭା ସେମାନଙ୍କର ବିଭିନ୍ନ କଳା ପ୍ରଦର୍ଶନ କରିବେ। ଚିତ୍ରାଙ୍କନ ପ୍ରତିଯୋଗିତା, ସୁନାବହୁ, ସୁନ୍ଦର ସ୍ୱାସ୍ଥ୍ୟ, ସୀମାନ୍ତ ସ୍ୱର, ସୀମାନ୍ତ ନୃତ୍ୟ ପ୍ରଭୃତି କାର୍ଯକ୍ରମର ବ୍ୟବସ୍ଥା ରହିଅଛି ବୋଲି ସମ୍ପାଦକ ମନୋରଞ୍ଜନ ଦାସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମଳ ଚକ୍ରବର୍ତ୍ତୀ, କପିଳେଶ୍ୱର ମାହାନ୍ତି, ବନମାଳୀ ଧଳ, ସୁନୀଲ ନାୟକ, ପ୍ରାଣକୃଷ୍ଣ ଗିରି, କାଉନସିଲର ଶିବନାରାୟଣ ମହାପାତ୍ର,ସୁଧୀର କର, କେଦାର ଗିରି, ଚନ୍ଦ୍ର ମୋହନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଆଇନଯିବି ସଞ୍ଜୀବ କୁମାର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ନଇଛଣପୁର ସରକାରୀ ଉପ୍ରା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍ଘାଟିତ



ବାସୁଦେବପୁର, ୧୯/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର ନଇଛଣପୁର ସରକାରୀ ଉ ପ୍ରା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପୁରାତନ ଛାତ୍ର ସଂସଦ ଓ ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ମହା ସମାରୋହରେ ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଗଗନ କୁମାର ଓଝା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ପଦ୍ମ ଲୋଚନ ଦାଶ, ଆରୁହା ପଞ୍ଚାୟତ ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ, ଉପଦେଷ୍ଟା ରଘୁନାଥ ପଣ୍ଡା,ସମିତି ସଭ୍ୟ ସୁରେନ୍ଦ୍ର ପ୍ରସାଦ ବେଜ, ସମାଜସେବୀ ହେମନ୍ତ କୁମାର ପାଣିଗ୍ରାହୀ,ସମାଜସେବୀ ପ୍ରଦୀପ୍ତ ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ତଅପୋଇ ମାଝି,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଓଝା, ପୁରାତନ ଛାତ୍ର ଓ ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ହରିଶ ଚନ୍ଦ୍ର ଦାଶ, ସହ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଓଝା, ସହ ସମ୍ପାଦକ ସତ୍ୟ ନାରାୟଣ ପଣ୍ଡା, ବେତଡା ସ୍କୁଲର ଶିକ୍ଷକ ଦୈତ୍ୟାରି ବେହେରା ପ୍ରମୁଖ ବିଶେଷ ଅତିଥି ଓ ବକ୍ତା ଭାବେ ଯୋଗ ଦେଇଥିଲେ ଏବଂ କଳା ସାହିତ୍ୟ ସଂସ୍କୃତି ଓ ଶିକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଂସ୍କୃତିକ ସଭାପତି ଅଜୟ କୁମାର ସାହୁ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ବ୍ୟକ୍ତିତ୍ୱ ଏବଂ ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ସମ୍ପାଦକ ହରିଶ ଚନ୍ଦ୍ର ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଗମାନନ୍ଦ ସାରସ୍ୱତ ଆଶ୍ରମରେ ଏକଲ ଅଭିଯାନ ଆଚାର୍ଯ୍ୟ ଅଭ୍ୟାସବର୍ଗ



ଉଦଳା, ୧୯/୧୨ (ନି.ପ୍ର):ଏକଲ ଅଭିଯାନ ବାରିପଦା ଅଂଚଳ ପୂର୍ବ ଭାଗର ନିୟନ୍ତ୍ରଣରେ ଥିବା କପ୍ତିପଦା, ଔପଦା, ଈଶ୍ୱରପୁର, ଶରତ ଓ ଠାକୁରମୁଣ୍ଡା ସଂଚରେ କାର୍ଯ୍ୟରତ ଥିବା ଆଚାର୍ଯ୍ୟ/ଆଚାର୍ଯ୍ୟା ମାନଙ୍କର ୫ ଦିନିଆ ଅଭ୍ୟାସବର୍ଗ ଚଳିତ ଡ଼ିସେମ୍ବର ୧୮ ତାରିଖ ଗୁରୁବାର ଦିନ କପ୍ତିପଦା ବ୍ଲକ ଅଂଚଳ ମଧ୍ୟରେ ଥିବା କୁଆଗୋଠଣାସ୍ଥିତ ନିଗମାନନ୍ଦ ସାରସ୍ୱତ ଆଶ୍ରମ ପରିସରରେ ଉଦ୍ଘାଟିତ ହୋଇ ଯାଇଛି । ଅଂଚଳ ଅଭିଯାନ ପ୍ରମୁଖ ଗୌରଚନ୍ଦ୍ର ଜେନା ଉକ୍ତ ବର୍ଗ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଭାଗିରଥି ନାୟକ, ଦେବକି ମହାନ୍ତ ଓ ଆରତି ପରିଡ଼ା ସହଯୋଗ କରୁଛନ୍ତି। ନିୟମିତ ସନ୍ଧ୍ୟାରେ ଆଶ୍ରମ ପରିଚାଳକ ଶିବାନନ୍ଦ ସରସ୍ୱତି ସତ୍‌ସଙ୍ଗରେ ପ୍ରବଚନ ଦେଉଛନ୍ତି । ଏହିବର୍ଗ ଆସନ୍ତା ୨୩ ତାରିଖ ମଙ୍ଗଳବାର ଦିନ ଉଦ୍ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

## ନିଗମାନନ୍ଦ ସାରସ୍ୱତ ଆଶ୍ରମରେ ଏକଲ ଅଭିଯାନ ଆଚାର୍ଯ୍ୟ ଅଭ୍ୟାସବର୍ଗ

ଉଦଳା, ୧୯/୧୨ (ନି.ପ୍ର): ଏକଲ ଅଭିଯାନ ବାରିପଦା ଅଂଚଳ ପୂର୍ବ ଭାଗର ନିୟନ୍ତ୍ରଣରେ ଥିବା କପ୍ତିପଦା, ଔପଦା, ଈଶ୍ୱରପୁର, ଶରତ ଓ ଠାକୁରମୁଣ୍ଡା ସଂଚରେ କାର୍ଯ୍ୟରତ ଥିବା ଆଚାର୍ଯ୍ୟ/ଆଚାର୍ଯ୍ୟା ମାନଙ୍କର ୫ ଦିନିଆ ଅଭ୍ୟାସବର୍ଗ ଚଳିତ ଡ଼ିସେମ୍ବର ୧୮ ତାରିଖ ଗୁରୁବାର ଦିନ କପ୍ତିପଦା ବ୍ଲକ ଅଂଚଳ ମଧ୍ୟରେ ଥିବା କୁଆଗୋଠଣାସ୍ଥିତ ନିଗମାନନ୍ଦ ସାରସ୍ୱତ ଆଶ୍ରମ ପରିସରରେ ଉଦ୍ଘାଟିତ ହୋଇ ଯାଇଛି । ଅଂଚଳ ଅଭିଯାନ ପ୍ରମୁଖ ଗୌରଚନ୍ଦ୍ର ଜେନା ଉକ୍ତ ବର୍ଗ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଭାଗିରଥି ନାୟକ, ଦେବକି ମହାନ୍ତ ଓ ଆରତି ପରିଡ଼ା ସହଯୋଗ କରୁଛନ୍ତି । ନିୟମିତ ସନ୍ଧ୍ୟାରେ ଆଶ୍ରମ ପରିଚାଳକ ଶିବାନନ୍ଦ ସରସ୍ୱତି ସତ୍‌ସଙ୍ଗରେ ପ୍ରବଚନ ଦେଉଛନ୍ତି । ଏହିବର୍ଗ ଆସନ୍ତା ୨୩ ତାରିଖ ମଙ୍ଗଳବାର ଦିନ ଉଦ୍ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

# କନଫରେନ୍ସ ମାଇଣ୍ଡ ଆୟୋଜିତ 'ଦ ଜିରୋନ' - ଜିରୋ ନାଇଟ ସେଲିବ୍ରେସନ ୨୦୨୬




ଭୁବନେଶ୍ୱର, ୧୯/୧୨ (ନି.ପ୍ର): ୨୦୨୫ ଇଂରାଜୀ ବର୍ଷକୁ ବିଦାୟ ଜଣାଇ ନୂଆବର୍ଷ ୨୦୨୬ କୁ ସ୍ୱାଗତ ଜଣାଇବା ସମସ୍ତଙ୍କ ମନରେ ଅନେକ ଆଗ୍ରହ । ସେହି ପରିପ୍ରେକ୍ଷୀରେ ଗୋଟିଏ ସ୍ଥାନରେ ଏକାଠି ହୋଇ ନୂଆ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ କନଫରେନ୍ସ ମାଇଣ୍ଡ ଆୟୋଜନ କରିଛନ୍ତି 'ଦ ଜିରୋନ'(ଜିରୋ ନାଇଟ ସେଲିବ୍ରେସନ) । ଏହି ଅବସରରେ ରେଲୱେ କଳିଙ୍ଗ ସଂଗ୍ରହାଳୟ, ମଞ୍ଚେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରୋମ୍ୟ ରଞ୍ଜନ ପଣ୍ଡା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ତିମିର୍ତ୍ରଣ ସାହୁ ନିର୍ଦ୍ଦେଶକ, ଅନୁଜ ସୁବୁଦ୍ଧି ପରିଚାଳକ, ଆଲୋକ ଦାଶ, ସଚିନ, ସନ୍ତୋଷ, ଅମର, ବାପି, ମୁକେଶ, ତନ୍ମୟ, ଲୋକନାଥ, ସୋନୁ ଭାଇ, ସୁଜିତ, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀଙ୍କ ସମେତ ଓଲିଉଡର ଚକୋଲେଟ ହିରୋ ଶୈଳେନ୍ଦ୍ର ସାମନ୍ତରାୟ ଏବଂ ଚୁଲବୁଲି ଶିବାନୀ ସଂଗୀତା ପ୍ରମୁଖ ଉପସ୍ଥିତ ଥିଲେ । ମଞ୍ଚେଶ୍ୱର ସ୍ଥିତ କଳିଙ୍ଗ ରେଳ ସଂଗ୍ରହାଳୟ ଭଳି ଏକ ରଙ୍ଗାରଙ୍ଗ ମୁକ୍ତାକାଶ ପରିବେଶ ମଧ୍ୟରେ ପ୍ରାୟ ତିନି/ଚାରି ହଜାର ଲୋକ ଏକାସାଙ୍ଗରେ ସେଲିବ୍ରେସନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ମାତ୍ର ୧୯୯୯ ଟଙ୍କାରେ ଫନ୍, ଫୁଡ୍ ଏବଂ ଡ୍ରିଂକ୍ସ ସହିତ ଭରପୂର ମନୋରଞ୍ଜନ ପାଇପାରିବେ ବୋଲି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋମ୍ୟ ରଞ୍ଜନ ପଣ୍ଡା ପ୍ରକାଶ କରିଛନ୍ତି । ଓଲିଉଡ଼ର ଚକୋଲେଟ ହିରୋ ଶୈଳେନ୍ଦ୍ର ସାମନ୍ତରାୟ, ଚୁଲବୁଲି ନାୟିକା ଶିବାନୀ ସଙ୍ଗୀତା, ଭୂମିକା ଦାଶଙ୍କ ସମେତ ଆହୁରି ଅନେକ ଓଲିଉଡ୍ କଳାକାର ଏହି ଇଭେଣ୍ଟରେ ମନୋରଞ୍ଜନ ଯୋଗାଇବା ପାଇଁ ଉପସ୍ଥିତ ରହିବେ । ଓଲିଉଡ୍ ସଙ୍ଗୀତ ଦୁନିଆର ପ୍ରଚ୍ଛଦପଟ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ ଙ୍କ ଲାଇଭ୍ ମ୍ୟୁଜିକ ବ୍ୟାଣ୍ଡ ସାଙ୍ଗକୁ ଅମିତ ନାୟକ ଙ୍କ କୋରିଓଗ୍ରାଫି ତା'ସହିତ ମୁମ୍ବାଇ ଡ୍ୟାନ୍ସର୍ସ ଙ୍କ ଧମାକାଧାର ପରଫର୍ମାନ୍ସ ରେ ବିଭୋର ହେବେ ଦର୍ଶକ । ଖୁବ ନାମୀ ଦାମୀ ଡିଜେ ରାକେଶ ମହାନ୍ତିଙ୍କ ହାତର ଯାଦୁ ରେ ସମସ୍ତେ ମତୁଆଲା ହେବେ ନିଶ୍ଚୟ ବୋଲି ଆୟୋଜକ ମତ ରଖିଛନ୍ତି । ୱେବସାଇଟ **www.thezeron.com,** ବୁକ୍ ମାଇଁ ଶୋ ଏବଂ ହ୍ୱାଟ୍ସଅପ୍ ନମ୍ବର ୯୧୭୮୪୯୬୩୨୯ ରେ ଟିକେଟ ବୁକ୍ କରିପାରିବେ । ଏହି ରଙ୍ଗାରଙ୍ଗ ଜିରୋ ନାଇଟରେ ସାମିଲ ହୋଇ ଧୁମ୍ ମଜା କରିବା ପାଇଁ ଆୟୋଜକ ଜଣାଇଛନ୍ତି । ସମସ୍ତ ସୁରକ୍ଷା ସହିତ ବିନା ଦ୍ୱିଧାରେ ଏହି ଇଭେଣ୍ଟ ରେ ଯୋଗଦେପାରିବେ ।

# ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ ବିଶାଳ ବିକ୍ଷୋଭ

ନୀଳଗିରି , ୧୯/୧୨ (ନି.ପ୍ର): କୁଲଡିହା ଅଭୟାରଣ୍ୟରେ ବସବାସ କରୁଥିବା ଲୋକମାନଙ୍କୁ ଉଚ୍ଛେଦକରିବା ପାଇଁ ପ୍ରଶାସନପକ୍ଷରୁ ବାରମ୍ବାର ନୋଟିସ କରାଯାଉଛି । ଲୋକମାନେ ଏହାଦ୍ୱାରା ଆତଙ୍କିତ ଅବସ୍ଥାରେ ଅଭୟାରଣ୍ୟରେ ରହୁଛନ୍ତି । ବନବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ଉପରେ ଜୁଲମ୍ କରାଯାଇଛି । ଏପରିକି ସାଧାରଣ ଲୋକ ମାନଙ୍କୁ ବିନାକାରଣରେ ଘରୁ ଧରିଆଣି ଅତ୍ୟାଚାର କରାଯାଉଛି । ଅଭୟାରଣ୍ୟ ସୀମା ବାବଦରେ ଉଚ୍ଚନ୍ୟାୟାଳୟରେ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ ମୋକଦ୍ଦମା ଚାଲୁଥିବା ବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧ କରାଯାଇଛି । ଆଜି ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚର ଆବାହକ ଶ୍ରୀ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ଲୋକ ଜଗନ୍ନାଥମନ୍ଦିର ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବାପରେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭସଭାରେ ପୂର୍ବତନ ସରପଞ୍ଚ ରଘୁନାଥ ସିଂ ସଭାପତିତ୍ୱ କରିଥିଲେ। ଉକ୍ତସଭାରେ ଆଦିବାସୀ ରାଜ୍ୟନେତା ଚାମୁରୁ ସୋରେନ, ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାସ, ଅଶୋକ ଦାସ, ଯାମିନୀ ହାଁସଦା, ହେମେନ୍ଦ୍ର ସେଠି, ଅମରେନ୍ଦ୍ର ନାୟକ, ପୁରୁଷୋତ୍ତମ ଖଣ୍ଡେଇ ,ଗଜେନ୍ଦ୍ର ସିଂ, ଜଗନ୍ନାଥ ସିଂ, ଲକ୍ଷ୍ମୀଧର ସାହୁ, ସତ୍ୟଜିତ ଦାସ, ସୁରେଶ ନାୟକ, ମନୋରଞ୍ଜନ ସାହୁ, ମହେଶ୍ୱର ଭୂୟାଁ, କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ସିତାଂଶୁ ସେନାପତି, ନିର୍ମଳ ନାୟକ, ଶିଶିର ହୁଇ, ସୁଶାନ୍ତ ଜେନା, ନାରାୟଣ ଧାମୁଡ଼ିଆ, ହାଡ଼ିବନ୍ଧୁ ସିଂ ଙ୍କ ସମେତ ବହୁସାଥୀ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଏହି ଉପଲକ୍ଷେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଞ୍ଚହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କୁ ଦିଆଯାଇଛି । ଯଦି ପ୍ରଶାସନପକ୍ଷରୁ ଲୋକମାନଙ୍କ ଉପରେ ବାରମ୍ବାର ନୋଟିସ ଲଗାଇ ଓ ଭୟଭୀତ କରିବା ବନ୍ଦନହୁଏ ଆଗାମୀ ଦିନରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରଶାସନକୁ ଦୃଢ ଜାବାବ ଦିଆଯିବ ବୋଲି ଆଜିର ଏହି ସଭାମାଧମରେ ଚେତାବନୀ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବେଟିଂ ଆପ୍ ...

ଏଥିସହିତ ଉର୍ବଶୀ ରାଉତେଲା, ମିମି ଚକ୍ରବର୍ତ୍ତୀ, ଅଙ୍କୁଶ ହଜାରା ଏବଂ ନେହା ଶର୍ମାଙ୍କ ଭଳି ପ୍ରମୁଖ ନାମ ମଧ୍ୟ ଅନ୍ତର୍ଭୁକ୍ତ । ଆଜିର ଇଡି କାର୍ଯ୍ୟାନୁଷ୍ଠାନରେ, ୭.୯୩ କୋଟି ମୂଲ୍ୟର ସମ୍ପତ୍ତି ଜବତ କରାଯାଇଛି । ପୂର୍ବରୁ, ସମାନ ମାମଲାରେ, ଇଡି ଶିଖର ଧାୱନଙ୍କର ୪.୫୫ କୋଟି ଏବଂ ସୁରେଶ ରାଇନାଙ୍କର ୬.୬୪ କୋଟି ମୂଲ୍ୟର ସମ୍ପତ୍ତି ଜବତ କରିଥିଲା । ଏପର୍ଯ୍ୟନ୍ତ ୧୯.୦୭ କୋଟି ମୂଲ୍ୟର ସମ୍ପତ୍ତି କରିଛି ଇଡି । ଏହି ମାମଲାରେ ତଦନ୍ତ ଜାରି ରହିଛି ।

### ବିନା ଶୁଳ୍କରେ ଓମାନକୁ ...

ଏହା ଗତ ଛଅ ମାସ ମଧ୍ୟରେ ଭାରତର ଦ୍ୱିତୀୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା। ଭାରତ ଗତ କିଛି ବର୍ଷ ମଧ୍ୟରେ ଅନେକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି, ଯାହା ଆମର ଚାଷୀ, ବ୍ୟବସାୟୀ ଏବଂ ରପ୍ତାନିକାରୀଙ୍କୁ ଲାଭ ଦେଉଛି। ଭାରତର ପ୍ରମୁଖ ଆମଦାନୀ ହେଉଛି ପେଟ୍ରୋଲିୟମ୍ ଉତ୍ପାଦ ଏବଂ ୟୁରିଆ, ଯାହା ମୋଟ ଆମଦାନୀର ୭୦ପ୍ରତିଶତରୁ ଅଧିକ ଅଟେ। ଅନ୍ୟାନ୍ୟ ପ୍ରମୁଖ ଉତ୍ପାଦଗୁଡ଼ିକ ମଧ୍ୟରେ ପ୍ରୋପିଲିନ୍ ଏବଂ ଇଥିଲିନ୍ ପଲିମର, ପେଟ କୋକ୍, ଜିପସମ୍, ରାସାୟନିକ ପଦାର୍ଥ, ଲୁହା, ଇସ୍ପାତ ଏବଂ ଅପରିଶୋଧିତ ଆଲୁମିନିୟମ୍ ଅନ୍ତର୍ଭୁକ୍ତ। ଓମାନକୁ ଭାରତର ପ୍ରମୁଖ ରପ୍ତାନି ମଧ୍ୟରେ ଖଣିଜ ଇନ୍ଧନ, ରାସାୟନିକ ପଦାର୍ଥ, ମୂଲ୍ୟବାନ ଧାତୁ, ଲୁହା ଏବଂ ଇସ୍ପାତ, ଶସ୍ୟ, ଜାହାଜ, ଡଙ୍ଗା, ବୈଦ୍ୟୁତିକ ଯନ୍ତ୍ରପାତି, ବଏଲର, ଚା, କଫି, ମସଲା, ବସ୍ତ୍ର ଏବଂ ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ। କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ, ଭାରତ-ଓମାନ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଅଟୋମୋବାଇଲ୍, ଅଳଙ୍କାର, କୃଷି ରସାୟନ, ନବୀକରଣୀୟ ଶକ୍ତି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବ।

### କଂଗ୍ରେସର ମଶାଲ...

ବାହାରି ବିଜେପି ଅଫିସ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ମଶାଲ ଯାତ୍ରାରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ ରାଉତରାୟ, ଶିବାନନ୍ଦ ରାୟ, ନବଜ୍ୟୋତି ପଟ୍ଟନାୟକ, ମନୋରଞ୍ଜନ ଦାଶ, ବିଶ୍ୱଜିତ ଦାଶ, ଶୁଭେନ୍ଦୁ ମହାନ୍ତି, ରଞ୍ଜିତ ପାତ୍ର, ମାନସ ଆଚାର୍ଯ୍ୟ, ଜାନକୀ ବଲ୍ଲଭ ପଟ୍ଟନାୟକ, ଖଗେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

### ଲୋକସଭାର...

ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଗୃହରେ ଉପସ୍ଥିତ ଥିଲେ। ସଂସଦର ଶୀତକାଳୀନ ଅଧିବେଶନ ସମାପ୍ତ ହେବା ପରେ ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା ତାଙ୍କ ଚେମ୍ବରରେ ରାଜନୈତିକ ଦଳମାନଙ୍କ ନେତା ଏବଂ ସଦସ୍ୟମାନଙ୍କ ସହ ଭେଟ କରିଥିଲେ। ଉଲ୍ଲେଖନୀୟ ଯେ ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାରିତ ହୋଇଥିଲା। ଏଥିରେ ପରମାଣୁ ଉର୍ଜା ଏବଂ ମନରେଗା ସହ ସଂପୃକ୍ତ ବିଧେୟକ ମୁଖ୍ୟ ଥିଲା। ଏହା ସହିତ ସଦନରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଓ ନିର୍ବାଚନ ସୁଧାର ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଅଷ୍ଟାଦଶତମ ଲୋକସଭାର ଷଷ୍ଠ ଅଧିବେଶନ ୧ ଡିସେମ୍ବରରୁ ଆରମ୍ଭ ହୋଇଥିଲା। ଅଧିବେଶନ ଅବଧିରେ ୧୫ଟି ବୈଠକ ହୋଇଥିଲା। ଅଧିବେଶନ ଅବଧିରେ ମୋଟ ବୈଠକ ସମୟ ୯୨ ଘଣ୍ଟା ୨୫ ମିନିଟ୍ ଥିଲା। ଅଧିବେଶନ ସମୟରେ ୧୦ଟି ସରକାରୀ ବିଧେୟକ ଆଗତ କରାଯାଇଥିଲା ଏବଂ ୮ଟି ବିଧେୟକ ପାରିତ ହୋଇଥିଲା। ଏଥିରେ ମଣିପୁର ବସ୍ତୁ ଏବଂ ସେବା କର (ଦ୍ୱିତୀୟ ସଂଶୋଧନ) ବିଧେୟକ, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଧେୟକ, ଜାତୀୟ ସୁରକ୍ଷା ଉପକର ବିଧେୟକ, ବିନିଯୋଗ (ସଂଖ୍ୟା-୪) ବିଧେୟକ, ନିରସନ ଓ ସଂଶୋଧନ ବିଧେୟକ, 'ସବକା ବୀମା ସବକୀ ରକ୍ଷା' (ବୀମା ଆଇନରେ ସଂଶୋଧନ) ବିଧେୟକ, ଭାରତର ପରିବର୍ତ୍ତନ ପାଇଁ ପରମାଣୁ ଉର୍ଜାର ସସ୍ଥାୟୀ ଦୋହନ ଓ ବିକାଶ ବିଧେୟକ, 'ବିକଶିତ ଭାରତ – ରୋଜଗାରର ଗାରଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ): ଭିବି-ଜି ରାମ ଜୀ' ବିଧେୟକ ସାମିଲ ରହିଥିଲା।

# ନୀଳଗିରି ସହରକୁ ରାତିଅଧିଆ ପଶିଲେ କୁଲଡିହା ଦନ୍ତା

ନୀଳଗିରି, ୧୯/୧୨ (ନି.ପ୍ର): ଗୁରୁବାର ରାତିପ୍ରାୟ ୩ଘଟିକା ସମୟରେ କୁଲଡିହାରୁ ଦୁଇଗୋଟି ଦନ୍ତାହାତୀ ନୀଳଗିରି ସହରମୁହାଁ ହୋଇଥିଲେ। ତେବେ ଏଥିରେ କିଛି କ୍ଷୟକ୍ଷତି କରିନଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କୁଲଡିହା ଜଙ୍ଗଲରୁ ଦୁଇଗୋଟି ଦନ୍ତା ମିରିଗିଣି ଗ୍ରାମ ପାରହୋଇ ପ୍ରଥମେ କଦମସାହି ଛକ ରେ ପହଞ୍ଚିଥିଲେ। ପରେ ସେଥିରୁ ଗୋଟିଏ ଦନ୍ତା କଦମସାହି ଛକରେ ବୁଲୁଥିବାର ପଥଚାରି ଦେଖି ଭୟଭୀତ ହୋଇପଡ଼ିଥିଲେ। ଅନ୍ୟ ଏକଦନ୍ତା ବାଇପାସ ରୋଡ ମହିଳାମହାବିଦ୍ୟାଳୟ ଦେଇ ସ୍ୱର୍ଗତ ହରିହର ମହାପାତ୍ରଙ୍କ ବାଡ଼ି ଭିତରେ ପଶି ଷ୍ଟେଟବ୍ୟାଙ୍କ ନିକଟସ୍ଥ ବେବର୍ତ୍ତା ପୋଖରୀଠାରେ ପହଞ୍ଚିଥିଲେ। ପରେ ପୋଖରୀ କଡ଼ଦେଇ ଧୀର ବିଶ୍ୱାଳ ବାଡ଼ିରେ ପଶି ତାଙ୍କ ସ୍କୁଟିକୁ ପେଲିଦେଇଥିବା ବେଳେ ବାଡ଼ ଭାଙ୍ଗିଥିଲା। ହାତୀର ଶବ୍ଦଶୁଣି ଧୀର ବିଶ୍ୱଳ ବିଛଣାରୁ ଉଠିପଡ଼ିଥିଲେ। ହାତୀକୁ ଘଉଡ଼ାଇବାରୁ ବୁଦ୍ଧିଆ ମିଶ୍ର ବାଡ଼ି ଦେଇ କଦମସାହି ଛକ ପାରହୋଇ ଦନ୍ତାଦୁଇଟି କୁଲଡିହା ଜଙ୍ଗଲକୁ ପଳାଇ ଯାଇଥିଲେ। ତେବେ ଅଭୟାରଣ୍ୟ ପାଦଦେଶରେ ହାତୀଙ୍କର ପ୍ରାଦୁର୍ଭାବ ଥିବାବେଳେ ଏବେ ସହରକୁ ପଶିବା ଫଳରେ ସହରବାସୀ ମଧ୍ୟ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏଥିପ୍ରତି ବନବିଭାଗ ଦୃଷ୍ଟିଦେବାକୁ ସହରବାସୀ ଦାବୀ କରିଛନ୍ତି।

# ହଟ୍ଟକେଶ୍ୱର ଅଟ୍ରି ମକର ମହୋତ୍ସବ-୨୦୨୬ ଉପଲକ୍ଷେ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା , ୧୯/୧୨ (ନି.ପ୍ର): ହଟ୍ଟକେଶ୍ୱର, ଅଟ୍ରି ଉଷ୍ମ ପ୍ରସବଣ ପଞ୍ଚ ଦିବସୀୟ ଜାନୁୟାରୀ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ମକର ମହୋତ୍ସବ ମହା ସମାରୋହରେ ପାଳନ କରିବା ନିମନ୍ତେ ମାନ୍ୟବର ବିଧାୟକ ଏବଂ ମକର ମହୋତ୍ସବ ସମାରୋହ ପାଳନ କମିଟି ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ ଙ୍କ ଅଧକ୍ଷତାରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିରୀକୃତ ପାଇଁ ଏକ ପ୍ରସ୍ତୁତି ବୈଠକ ବେଗୁନିଆ ପଂଚାୟତ ସମିତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ତହସିଲଦାର ଏବଂ ମକର ମହୋତ୍ସବ କମିଟି ସଦସ୍ୟ ଆବାହକ ତାପସ କୁମାର ବିଶି,ବି ଡି ଓ, ବେଗୁନିଆ ତଥା ସଂଯୋଜକ ମକର ମହୋତ୍ସବ କମିଟିସନ୍ତୋଷ କୁମାର ଜେନା, ବେଗୁନିଆ ପଂଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲ୍ଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ଉପ ନିବନ୍ଧକ, ବେଗୁନିଆ ,ଅମିତ୍ କୁମାର ସେଠୀ , ଭାରପ୍ରାପ୍ତ ଥାନା ଅଧିକାରୀ, ବାଘମାରି, ସୁଚିତ୍ରା ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର ପଞ୍ଚ ଦିବସୀୟ ଐତିହ୍ୟ ଓ ପରମ୍ପରା ହଟ୍ଟକେଶ୍ୱର, ଅଟ୍ରି, ବାଘମାରି ମକର ମହୋତ୍ସବ ପାଳନ -୨୦୨୬ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ମାନ୍ୟବର ବିଧାୟକ, ବେଗୁନିଆ ତଥା ହଟ୍ଟକେଶ୍ୱର ଅଟ୍ରି ମହୋତ୍ସବ କମିଟି ସଭାପତି ମହୋତ୍ସବ କମିଟି ସ୍ଥଳରେ ପାନୀୟଜଳ, ସ୍ୱାସ୍ଥ୍ୟସେବା, ଅଗ୍ନି ଶମ ସେବା, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ ଯୋଗାଣ ବ୍ୟବସ୍ଥା, ମହୋତ୍ସବ ସ୍ଥଳକୁ ସଂଯୋଗିକରଣ ରାସ୍ତା ମରାମତି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା, କୃଷି, ଉଦ୍ୟାନ କୃଷି, ଶିକ୍ଷା , ପାଟ ବସ୍ତ୍ର ଆଦି ଷ୍ଟଲ ନିର୍ମାଣ, ପୁଲିସ ପ୍ରଶାସନ ତରଫରୁ ଆଇନଶୃଙ୍ଖଳା ସେବା ଯୋଗାଇ ଦେବା ଉପରେ ସମୀକ୍ଷା କରି ବିଭାଗୀୟ ଅଧିକାରୀ ମାନେ ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ସର୍ବୋପରି ଚଳିତ ହଟ୍ଟକେଶ୍ୱର ଅଟ୍ରି ମହୋତ୍ସବ-୨୦୨୬ କୁ ଶାନ୍ତି ଶୃଙ୍ଖଳା, ଭାଇ ଚାରା, ରାଷ୍ଟ୍ରୀୟ ସଂହତି ସମ୍ପ୍ରୀତି ସହ ସମାପନ କରିବାକୁ ମାନ୍ୟବର ବିଧାୟକ ଅଞ୍ଚଳବାସି ସମେତ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ବିଭିନ୍ନ ଲାଇନ୍ ଡିପାର୍ଟ ମେଣ୍ଟ ଅଧିକାରୀ, ବିଭିନ୍ନ ବ୍ଲକ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, ମହୋତ୍ସବ କମିଟି କର୍ମକର୍ତ୍ତା, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

ଶନିବାର, ଡିସେମ୍ବର ୨୦, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## କାଳୀପୂଜା ଯାତ୍ରା କମିଟି ଆନୁକୁଲ୍ୟରେ ୨ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ

ଜଳେଶ୍ୱର, ୧୯/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ସ୍ଥିତ ହାଇସ୍କୁଲ ପଡିଆ ଠାରେ ଶାଳୀକୋଠା କାଳୀପୂଜା ଯାତ୍ରା କମିଟି ଆନୁକୁଲ୍ୟରେ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦିନ ୧୧ ଘଟିକା ସମୟରେ ଉଦ୍ଘାଟିତ ହୋଇଯାଇଛି।ସରପଞ୍ଚ ତପନୀ ଭୂୟାଁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସମାଜସେବୀ ଶ୍ରୀକଣ୍ଠ ମାହାନ୍ତି,କମିଟିର ସଭାପତି ତାରାପଦ ମାହାନ୍ତି,ସଂପାଦକ ପ୍ରଦୀପ କୁମାର ମହାନ୍ତି, ଖେଳ ପରିଚାଳନାର ମୁଖ୍ୟ ଦିଲ୍ଲୀପ କୁମାର ସିଂ,ୱାର୍ଡ ସଭ୍ୟ ବିପ୍ଳବ ସିଂ, ସୃଷ୍ଟିଧର ବେହେରା ଅକ୍ଷୟ କୁମାର ବେହେରା,ମନୋଜ ପ୍ରଧାନ, ସାଗର ଭୂୟାଁ,ରବି ସିଂ,କେଦାର ସିଂ,ପାହୁଲ ସିଂ,ନରେନ୍ଦ୍ର ସିଂ,ନବ କୁମାର ବେହେରା,ଗୋପାଳ ସିଂ,ବୁଦ୍ଧିଆ ସିଂ ରାଜେନ୍ଦ୍ର ନାରାୟଣ ଦାସ,ବିଜୟ ସିଂ ପ୍ରମୁଖ ସଦସ୍ୟ ମାନେ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୧୬ ଟି ଫୁଟବଲ ଟିମ ଭାଗ ନେଇଥିଲେ।ଦେବୁ ହାସଦା ଓ ପାଲୁ ସୋରେନ୍ ଖେଳ ପରିଚାଳନା କରିଥିଲେ।



# ଦନ୍ତାହାତୀ ଆକ୍ରମଣରେ ଜଣେ ମୃତ: ୨ ଆହତ

## ୨ ଦିନ ତାଣ୍ଡବ ପରେ ବି ଫେରିପାରୁନି, ବନ ବିଭାଗର ସମସ୍ତ ଚେଷ୍ଟା ଫେଲ



ଖଇରା, ୧୯/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନରେ ଏକ ଦନ୍ତାହାତୀ ୨ ଦିନ ଧରି ଉପଦ୍ରବ ଘଟାଇ ଚାଲିଥିଲେ ହେଁ ଫେରିବାର ନାଁଗନ୍ଧ ଧରୁନି । ରକ୍ତମୁଖା ହୋଇ ପଡିଥିବା ହାତୀ ଆକ୍ରମଣରେ ସୁଣ୍ଡିରା ଗ୍ରାମର ସୁରେନ୍ଦ୍ର ଦାସ(୬୫) ଙ୍କର ମୃତ୍ୟୁ ହୋଇ ଯାଇଥିବା ବେଳେ ସେହି ସୁଣ୍ଡିରା ଗ୍ରାମର ପିତାମ୍ବର ମୁଖି ଏବଂ ପୁର୍ବପଡା ଗ୍ରାମର ଦିଲ୍ଲିପ କୁମାର ଖଟୁଆ ଆହତ ହୋଇଛନ୍ତି । ପିତାମ୍ବରଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି । ତହସିଲଦାର ଅମିତ ରଞ୍ଜନ ହୋତାଙ୍କ ଉପସ୍ଥିତିରେ ବନବିଭାଗ ତରଫରୁ ମୃତକଙ୍କ ପରିବାର କୁ ୧୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି । ସେପଟେ ଏଭଳି ମୃତ୍ୟୁ ପାଇଁ ଗ୍ରାମବାସୀ ମାନେ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି । ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ,ସୋର ରେଞ୍ଜର ହରିହର ମାଝୀ, ଏବଂ ଜଳେଶ୍ୱର ଫରେଷ୍ଟର ପ୍ରହଲ୍ଲାଦ ଚରଣ ନାୟକଙ୍କ ତତ୍ୱାବଧାନରେ ଖଇରା ପୋଲିସ ସହଯୋଗରେ ଗଠିତ ଟିମ ହାତୀକୁ କୁଲଡିହା ଅଭୟାରଣ୍ୟକୁ ଫେରାଇବାକୁ ଉଦ୍ୟମ ଜାରି ରଖିଛି । ଗୁରୁବାର ସଂଧ୍ୟାରେ ୨ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଶାରିଶୁଆ ପାହାଡ ସଂଲଗ୍ନ ବଗେଇପୁର ଜଙ୍ଗଲ ଦେଇ ପ୍ରବେଶ କରିଥିଲେ । ପରେ ଗୋଟିଏ ହାତୀ ଫେରି ଯାଇଥିବା ବେଳେ ଅନ୍ୟଏକ ଦନ୍ତାହାତୀ କଳମଚୁଆ ପ୍ରବେଶ କରିବା ପରେ ସେଠାରୁ ଗ୍ରାମବାସୀ ଘଉଡାଇବାରୁ ହାତୀଟି ପଟ୍ଟାଗଡିଆ, କାଳିଆଗଡିଆ, ଶାଳଗଡିଆ କୁପାରୀରୁ କେନାଲ ରାସ୍ତା ଦେଇ ଖଇରା କୁ ପ୍ରବେଶ କରିଥିଲା । ସକାଳ ହେବା ବେଳକୁ ହାତୀଟି ନଟାପଡା,ଶାଳବଣି,ବଟେଶ୍ୱର ଦେଇ କଣ୍ଠାପଡା ଶାସନରେ ପହଞ୍ଚିଥିଲା । ସୋର-କୁପାରୀ ରାସ୍ତା ରେ ପ୍ରବଳ ଜନଗହଳି ଯୋଗୁଁ ହାତୀ ଅଣନିଶ୍ୱାସୀ ହୋଇ ଲୋକଙ୍କ ଉପରେ ପାଲଟା ଆକ୍ରମଣ କରିବା ଆରମ୍ଭ କରି ଦେଇଥିଲା । ସୁଣ୍ଡିରା ଗ୍ରାମରେ ପାଟିତୁଣ୍ଡ ଶୁଣି ହାତୀ ଦେଖିବାକୁ ଆସୁଥିବା ବେଳେ ସୁଣ୍ଡିରା ପଞ୍ଚାୟତ ସମ୍ମୁଖରେ ହାତୀଟି ସୁରେନ୍ଦ୍ର ଦାସଙ୍କୁ କଂକ୍ରିଟ ରାସ୍ତା ଉପରେ କଚାଡି ଦେଇଥିଲା ଓ ଅନ୍ୟ ୨ଜଣଙ୍କୁ ଆହତ କରିଥିଲା । ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ଖଇରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ହାତୀର ଗତିବିଧିକୁ ଲକ୍ଷ କରି ମହତୀପୁର ଓ ସୁଣ୍ଡିରା ପଞ୍ଚାୟତର ସମସ୍ତ ୧୦ଗୋଟି ବିଦ୍ୟାଳୟକୁ ବନ୍ଦ ଘୋଷଣା କରାଯାଇଥିଲା । ସୁଣ୍ଡିରାରେ ବିଭିଷିକା ଘଟାଇ ହାତୀଟି ନୁଆସାହି,ଅଣ୍ଡାଇଲୋ ଗ୍ରାମ ଦେଇ ନନ୍ଦୁର ପଞ୍ଚାୟତର ଆମ୍ବବନ୍ଧ ବଣ ଭିତରେ ପଶିଯାଇ ସଂଧ୍ୟା ପର୍ଯ୍ୟନ୍ତ ବାହାରିନଥିଲା । ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବନ ବିଭାଗ ହାତୀ ଘଉଡାଇବାକୁ ଉଦ୍ୟମ ଜାରି ରଖିଛି ।

# କଂଗ୍ରେସ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ

ଭଦ୍ରକ , ୧୯/୧୨ (ନି.ପ୍ର): ନ୍ୟାସନାଲ ହେରାଲ୍ଦ ମିଛ ମାମଲାରେ କଂଗ୍ରେସ ର ନୈତିକ ବିଜୟ ଘଟିଥିବା ବେଳେ ମିଛ ମାମଲା କୁ ବିରୋଧ କରି ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପାର୍ଟି କାର୍ଯ୍ୟାଳୟରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ମଧ୍ୟରେ ଥିବା ରାଜଘାଟ ଛକ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ସାହା ଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । କଂଗ୍ରେସ ର ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି ଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା ବରିଷ୍ଠ ନେତା ଅବଦୁଲ ମୋକିତ ଖାଁ ପାର୍ଟି, ବ୍ଲକ ସଭାପତି ପୀତବାସ ଧଳ,ରାଜ୍ୟ ସାଧାରଣ ସମ୍ପାଦକ ହରି ହର ମଣ୍ଡଳ, ରାଜ୍ୟ ସମ୍ପାଦକ ରଞ୍ଜନ ଜେନା, ନାରୀନେତ୍ରି ଶର୍ମିଷ୍ଠା ପଣ୍ଡା, ଯୁବନେତା ବଳରାମ ରାଉତ, ଇଲିଆସ ଖାଁ,ଲାଲୁ ଖାଁ, ହସିନା ଖାତୁନ, ଦୀନବନ୍ଧୁ ଦାସ,ହାଡିବନ୍ଧୁ ବିଶ୍ୱାଳ, ସେକ ତୁବାରକ, ଶମ୍ଭୁନାଥ ପତି, ମାୟାଧର ରାଉଳ, ଟନି ଅଲି,ପ୍ରମୁଖ ଦଳୀୟ ନେତା ଓ କର୍ମୀ ମାନେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ହାଏ ହାଏ, ଗୃହ ମନ୍ତ୍ରୀ ହାଏ ହାଏ, ବିଜେପି ସରକାର ଡାଉନ ଡାଉନ ସ୍ଲୋଗାନ ଦେଇ ରାଜଘାଟ ଛକ ଠାରେ ପହଂଚି ନାରାବାଜି କୁଶପୁତ୍ତଳିକା ଦାହ କରିଥିଲେ।

# ଦାମୋଦର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତିରେ ଯୋଗଦେବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା



ଉଦଳା, ୧୯/୧୨ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ସାଇଁକୁଳା ଗ୍ରାମଠାରେ ଥିବା ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି । ଏଥିପାଇଁ ସୁବର୍ଣ୍ଣ ଜୟନ୍ତି କମିଟିର ସଭାପତି ଗଣେଶ୍ୱର ଲେଙ୍କାଙ୍କ ନେତୃତ୍ୱରେ ବାରମ୍ବାର ବୈଠକ ବସିବା ସହ ଉତ୍ସବର ରୂପରେଖ ପ୍ରସ୍ତୁତ କରାଯାଉଛି । ଏହି ଅବସରରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଚଳିତ ଡ଼ିସେମ୍ବର ୧୬ ତାରିଖ ମଙ୍ଗଳବାର ଦିନ ବିଦ୍ୟାଳୟକୁ ଆସି ଉତ୍ସବ ପାଇଁ ଚାଲିଥିବା ପ୍ରସ୍ତୁତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ । ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମର ରୂପରେଖ ବିଷୟରେ ଅବଗତ କରାଇବା ପରେ ବିଧାୟକ ଶ୍ରୀଯୁକ୍ତ ମଢ଼େଇ ଉତ୍ସବରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ଆଇନମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ମୟୂରଭଂଜ ମହାରାଜା ଓ ମହାରାଣି ଅତିଥି ଭାବରେ ଯୋଗଦେବେ ବୋଲି ସୂଚନା ପ୍ରଦାନ କରିଥିଲେ । କମିଟିର ସମ୍ପାଦକ ଉଗ୍ରସେନ ଦାସ ବିଧାୟକଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ ବୈଠକର ଶେଷ ସ୍ୱର୍ଶ ଦେଇଥିଲେ । ପ୍ରଭାତି ପରିଡ଼ା ଉପମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ କପ୍ତିପଦା ଉପଖଣ୍ଡ ମଧ୍ୟକୁ ଏହା ତାଙ୍କର ପ୍ରଥମଗସ୍ତ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ବେଆଇନ ଜଙ୍ଗଲିଜନ୍ତୁ ଶିକାର ଦେହାବଶେଷ ତସ୍କରୀ : ଘଟଣାରେ ପୁଣି ୪ ଅଭିଯୁକ୍ତ ଗିରଫ

ନୀଳଗିରି , ୧୯/୧୨ (ନି.ପ୍ର): ବନବିଭାଗକୁ ଚକମାଦେଇ ବାରମ୍ବାର ଅଭୟାରଣ୍ୟ ମଧ୍ୟରେ ପଶୁଶିକାର କରିବା ପରିବେଶପ୍ରେମୀ ମାନଙ୍କୁ ଭାରାକ୍ରାନ୍ତ କରୁଥିବା ବେଳେ କିଛିଦିନଧରି ବିଭାଗୀୟ ଅଧିକାରୀଙ୍କ ତତ୍ପରତା ଫଳରେ ଶିକାରୀଙ୍କୁ ଧରପଗଡ କରିବାରେ କିଛିଟା ସଫଳତା ମିଳିଛି। କିଛିଦିନ ପୂର୍ବରୁ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧିନରୁ ଗୋଟିଏ ଗୁରାଣ୍ଡି ଏବଂ ଗୋଟିଏ ଝିଙ୍କ ଶିକାରୀ ଶିକାରକରି ଆଣିବା ସମୟରେ ବନବିଭାଗ ଦ୍ୱାରା ଗିରଫପରେ ଏହି ରାକେଟରେ ସମ୍ପୃକ୍ତ ଶିକାରୀଙ୍କୁ ଗୋଟିଏପରେ ଗୋଟିଏ ଶିକାରୀଙ୍କ କାବୁକରି ଗିରଫ କରିଛି ବିଭାଗ। ପୂର୍ବରୁ ୯ଜଣ ଶିକାରୀଙ୍କୁ ଏହି ଘଟଣାରେ ଗିରଫ କରାଯାଇଥିବା ବେଳେ ଆଜି ପୁଣି ୪ଜଣଙ୍କୁ ଗିରଫକରି ସେମାନଙ୍କ ନିକଟରୁ ୧୦ଟି ବଜ୍ରକାପ୍ତା କାତି ଜବତ କରିଛି। ଏହି ଘଟଣାରେ ମୋଟ ୧୩ଜଣଙ୍କୁ ଗିରଫକରିବାରେ ସଫଳ ହୋଇଛି ବନବିଭାଗ ।ଜଙ୍ଗଲିଜନ୍ତୁ ଶିକାର, ଚମଡା, ନଖ , ହାତୀଦାନ୍ତ ଚୋରାଚାଲାଣ ସହିତ ମୃତହାତୀର ଦେହାବଶେଷ ସଂଗ୍ରହକରି ନକଲି ହାତୀଦାନ୍ତ ତିଆରିକରି ବାହାରକୁ ଉଚ୍ଚଦରରେ ଚାଲାଣ କରିବା ଆଦି ବିଭିନ୍ନ ଘଟଣାରେ ନୀଳଗିରି ଅଭୟାରଣ୍ୟ ସଂଲଗ୍ନ ଶିକାରୀଙ୍କ ସମେତ ସୋର, ବାଗୁଡ଼ି, ଔପଦା ଅଞ୍ଚଳର ଏହି ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ବନବିଭାଗ।




## ୨ ବର୍ଷର ଶିଶୁକୁ ରକ୍ତଦାନ କଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ



ଭୁବନେଶ୍ୱର , ୧୯/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ୨ ବର୍ଷ ବୟସର ସାନଭି ମହାନ୍ତଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଏକ ୟୁନିଟ ରକ୍ତଦାନ କରିଛନ୍ତି ୧୦୮ ଆମ୍ବୁଲାନ୍ସ ଇ.ଏମ.ଟି ଯଶବନ୍ତ ମହନ୍ତ । ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ସାନଭି ମହାନ୍ତ ସିକିଲସେଲ ରେ ପୀଡିତ ଏବଂ ନିୟମିତ ବ୍ୟବଧାନରେ ରକ୍ତ ଆବଶ୍ୟକ କରନ୍ତି । ଆଜି ସକାଳ ପ୍ରାୟ ୧୦ ଟା ସମୟରେ ଅନ୍ୟ ଜଣେ ରୋଗୀଙ୍କୁ ନେଇ ଗୋଟିଏ ୧୦୮ ଆମ୍ବୁଲାନ୍ସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିବା ସମୟରେ ସାନଭିଙ୍କ ବିଷୟରେ ଜାଣିବାକୁ ପାଇଥିଲେ । ସୌଭାଗ୍ୟବଶତଃ ୧୦୮ ଆମ୍ବୁଲାନ୍ସ ରେ କାର୍ଯ୍ୟରତ ଇ.ଏମ.ଟି ଯଶବନ୍ତ ମହନ୍ତଙ୍କ ବ୍ଲଡ଼ ଗ୍ରୁପ ଇ+ ରହିଥିଲା ଏବଂ ସାନଭିଙ୍କର ମଧ୍ୟ ସମାନ ଗ୍ରୁପର ରକ୍ତ ଆବଶ୍ୟକ ହେଉଥିଲା । ତେଣୁ ଯଶବନ୍ତ କାଳବିଳମ୍ବ ନ କରି ସେହି ରୋଗୀଙ୍କ ପାଇଁ ଗୋଟିଏ ୟୁନିଟ ରକ୍ତ ଦାନ କରିଥିଲେ । ଏହି ମାନବୀୟ କାର୍ଯ୍ୟ ପାଇଁ ରୋଗୀଙ୍କ ବାପା ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷ ଯଶୋବନ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

# ୨୧ ଡିସେମ୍ବରରେ ବାରିପଦାରେ ପାଳନ ହେବ ବିଶ୍ୱ ଧ୍ୟାନ ଦିବସ

ବାରିପଦା , ୧୯/୧୨ (ନି.ପ୍ର): ଜାତିସଂଘର ନିର୍ଦ୍ଦେଶ କ୍ରମେ ଆସନ୍ତା ଡ଼ିସେମ୍ବର ୨୧ ତାରିଖ ରବିବାର ବାରିପଦା ଠାରେ ମଧ୍ୟ ସୁସ୍ଥ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ସମୂହ ଧ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏ ନେଇ ଆର୍ଟ ଅଫ ଲିଭିଂ ପକ୍ଷରୁ ଶୁକ୍ରବାର ମଧୁବନ ସ୍ଥିତ କେମିଷ୍ଟ ଓ ଡ୍ରଗଷ୍ଟ ଭବନ ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ସାମ୍ବାଦିକ ଅଂଶ ଗ୍ରହଣ କରିଥିଲେ । ବାରିପଦା ଆର୍ଟ ଅଫ ଲିଭିଙ୍ଗ ର ଶିକ୍ଷକ କୌଶିକ ସାହୁ ଧ୍ୟାନ ର ଉପକାରିତା ବିଷୟରେ ସାମ୍ବାଦିକ ଙ୍କୁ ଅବଗତ କରାଇଥିଲେ । ନିର୍ମଳ ବିହାରି ମହାନ୍ତି, ସରୋଜ ସାହୁ, ଅଜୟ ମୋଦି, ସରୋଜ ମହାପାତ୍ର, ଦୁର୍ଗାପ୍ରସାଦ ମିଶ୍ର, ଦେବାଶିଷ ମହାନ୍ତ, ନିଶା ଅଗ୍ରୱାଲ, ରୀତୁପର୍ଣ୍ଣକ୍ଷ ମଲ୍ଲିକ, ଉପାସନା ସାହୁ, ବିଦ୍ୟାନ୍ତ ମହାପାତ୍ର, ଲିଜା ସାହୁ ଙ୍କ ମିଳିତ ସହାୟତାରେ ସହାୟତାରେ ସମ୍ମିଳନୀ ସୂଚାରୁ ରୂପେ ସମ୍ପୂର୍ଣ୍ଣ ହୋଇଥିଲା । ଆର୍ଟ ଅଫ ଲିଭିଂ ତରଫରୁ ଜିଲ୍ଲା ପ୍ରଶାସନ ସହାୟତାରେ ବାରିପଦା ରିଜର୍ଭ ପୋଲିସ ପଡିଆ (ପ୍ୟାରେ ଡ ପଡିଆରେ ) ସକାଳ ୭ ରୁ ୮ ଘଟିକା ପର୍ଯ୍ୟନ୍ତ ଏକଜୁଟ ହୋଇ ଧ୍ୟାନ ଦିବସ କାର୍ଯ୍ୟକ୍ରମ ରେ ଯୋଗଦାନ କରି ଦୈନନ୍ଦିନ ଜୀବନ ରେ ଧ୍ୟାନର ଉପାଦେୟତା ବାବଦରେ ଅବଗତ ହେବାର ସୌଭାଗ୍ୟ ଅର୍ଜନ କରିବେ । ବୈଶ୍ୱିକ ଆଧ୍ୟାତ୍ମିକ ଗୁରୁ ତଥା ମାନବବାଦୀ ଗୁରୁଦେବ ପଦ୍ମଶ୍ରୀ ଶ୍ରୀ ଶ୍ରୀ ରବିଶଙ୍କର ଅନଲାଇନ ଜରିଆରେ ଯୋଡିହୋଇ ଡକ୍ଟକ୍ସୟ ମେଡିଟେସନ ଉପରେ ସମ୍ବୋଧିତ କରିବେ। ବର୍ତ୍ତମାନ ଆଧୁନିକ ସମାଜରେ ବ୍ୟସ୍ତବହୁଳ ଜୀବନ ଶୈଳୀ ପାଇଁ ଲୋକେ ବିଭିନ୍ନ ମାନସିକ ଚିନ୍ତାଗ୍ରସ୍ତ ହୋଇ ରହୁଛନ୍ତି। ଏଥି ସହିତ ମାନସିକ ଦୁଶ୍ଚିନ୍ତାର ବଶବର୍ତ୍ତୀ ହୋଇ ଆତ୍ମହତ୍ୟା କରିବାକୁ ମଧ୍ୟ ପଛକ୍ଷଉ ନାହାନ୍ତି । ଆଜି ଯୁବ ପିଢ଼ିଙ୍କ ମଧ୍ୟରେ ଏହା ଅଧିକ ପରିମାଣ ରେ ପରିଲକ୍ଷିତ ହେଉଛି । ତେଣୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ । ଧ୍ୟାନ କରିବା ଦ୍ୱାରା ଶାନ୍ତି ଓ ଏକତା ପ୍ରତିଷ୍ଠା ଦିଗରେ ମଧ୍ୟ ଏହା ବେଶ ସହାୟକ ହେବ। ତେଣୁ ଆର୍ଟ ଅଫ ଲିଭିଂ ତରଫରୁ ବିଶ୍ୱ ଧ୍ୟାନ ଦିବସ ଆୟୋଜନ କରାଯାଇଛି । ଏଥିରେ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ବିଭିନ୍ନ ଶିକ୍ଷାନୁଷ୍ଠାନ ବେସରକାରୀ ପ୍ରତିଷ୍ଠାନ, ବିଭିନ୍ନ ଅନୁଷ୍ଠାନ, ସଂଗଠନ ଆଦି ସାମୁହିକ ଭାବେ ଅଂଶ ଗ୍ରହଣ କରିବାକୁ ସାମ୍ବାଦିକ ସମ୍ମିଳନୀ ରେ ଅନୁରୋଧ କରାଯାଇଛି ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida